

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA　ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ

IAS COLLECTOR



PARUL PATAWARI

Vol.5 | Issue- 42 | March 28 to April 3, 2022, | Jagatsinghpur | Page-8 | Rs. 5/-

ବର୍ଷ-୫ | ସଂଖ୍ୟା- ୪୨ | ମାର୍ଚ୍ଚ ୨୮ ରୁ ଏପ୍ରିଲ୍ ୩, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା


# ଓଡ଼ିଶାବାସୀଙ୍କୁ ନବୀନଙ୍କ ଧନ୍ୟବାଦ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ପୌର ନିର୍ବାଚନରେ ବିଜେଡିକୁ ବିପୁଳ ଜନସମର୍ଥନ ମିଳିଛି। ରାଜ୍ୟର ୯୦ ପ୍ରତିଶତରୁ ଅଧିକ ପୌରାଞ୍ଚଳରେ ବିଜେଡି ସଂଖ୍ୟା ଗରିଷ୍ଠତା ହାସଲ କରିଛି। ୧୦୮ଟି ପୌରାଞ୍ଚଳରୁ ୭୬ଟି ପୌରାଞ୍ଚଳରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ବିପୁଳ ପରିମାଣର ବିପୁଳ ନେଇ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ପୌର ନିର୍ବାଚନରେ ବିଜେଡିର ବିପୁଳ ବିଜୟ ଓଡ଼ିଶାବାସୀଙ୍କ ଆଶିର୍ବାଦ ଓ ଅଗଣିତ କର୍ମୀଙ୍କ ସମର୍ପିତ ଉଦ୍ୟମ ବଳରେ ସମ୍ଭବ ହୋଇଛି। ୱାର୍ଡ ସ୍ତରରୁ ଲୋକଙ୍କ ଭଲ ପାଇବା ତୃଣମୂଳ ସ୍ତରରେ @bjd_odisha ର ଲୋକପ୍ରିୟତାକୁ ପ୍ରମାଣିତ କରୁଛି।



ଆସନ୍ତୁ ସମସ୍ତେ ରାଜ୍ୟର ବିକାଶ ଧାରାରେ ସାମିଲ୍ ହୋଇ ଲୋକଙ୍କ କଲ୍ୟାଣ ଉନ୍ନତି ପାଇଁ ଏକ ହୋଇ ଆଗକୁ ବଢ଼ିବା। ଟୁଇଟ୍ କରି ନବୀନ କହିଛନ୍ତି ଯେ, ପୌର ନିର୍ବାଚନରେ ବିଜେଡିର ବିପୁଳ ବିଜୟ ଓଡ଼ିଶାବାସୀଙ୍କ ଆଶିର୍ବାଦ ଓ ଅଗଣିତ କର୍ମୀଙ୍କ ସମର୍ପିତ ଉଦ୍ୟମ ବଳରେ ସମ୍ଭବ ହୋଇଛି। ଓଡ଼ିଶା ସ୍ତରରୁ ଲୋକଙ୍କ ଭଲ ପାଇବା ପ୍ରମାଣିତ କରୁଛି। ତେଣୁ ଆସନ୍ତୁ ସମସ୍ତେ ରାଜ୍ୟର ବିକାଶ ଧାରାରେ ସାମିଲ୍ ହୋଇ ଲୋକଙ୍କ କଲ୍ୟାଣ ଓ ଉନ୍ନତି ପାଇଁ ଏକ ହୋଇ ଆଗକୁ ବଢ଼ିବା।

## ସୁଲୋଚନା ହେଲେ ଭୁବନେଶ୍ୱର ପ୍ରଥମ ମହିଳା ମେୟର



(ବିସ୍ତୃତ ଖବର ପୃଷ୍ଠା-୨)

## କଟକରେ ସୁବାସ ସିଂ



**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** କଟକ ଦଖଲ କରିଛି ବିଜେଡି ପ୍ରାର୍ଥୀ ସୁବାସ ସିଂ। ମୋଟ ୧ଲକ୍ଷ ୧୩ ହଜାର ୫୬୨ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ନିକଟତମ ପ୍ରତିଦ୍ୱନ୍ଦୀ ଠାରୁ ୪୨ହଜାର ୨୦୬ ଭୋଟ୍‌ରେ ବିଜୟୀ (ପୃଷ୍ଠା-୨)

# ଜଗତସିଂହପୁର ସହରରେ ବେଆଇନ୍ ନର୍ସିଂହୋମ୍ ସଂପ୍ରସାରଣ

## ସୁନ୍ଦରୀ ଯୁବତୀଙ୍କୁ ଅଫର୍ ଦେଇ ସରକାରୀ ସ୍ୱୀକୃତି ଲାଭ କରୁଛି !

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ସହରରେ ଦୀର୍ଘ ବର୍ଷ ଧରି ଚାଲିଆସୁଥିବା ବେଆଇନ୍ ନର୍ସିଂହୋମ୍ ସଂକ୍ରାନ୍ତରେ ପୂର୍ବରୁ **"ସଂପର୍କବାର୍ତ୍ତା"**ରେ ଅନେକବାର ଖବର ପ୍ରକାଶ ପାଇଛି। ତଥାପି ସ୍ୱାସ୍ଥ୍ୟ ବିଭାଗ ଆଖି ବୁଜିଛି କାହିଁକି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଯେଉଁ ଜାଗାରେ ନର୍ସିଂହୋମ୍ ହୋଇଛି ସ୍ୱାସ୍ଥ୍ୟ ବିଭାଗର ଅନୁମତି ପାଇଥିବା କୁହାଯାଉଥିବା ବେଳେ ବଦମାସିଆ ଅଫିସର ଓ ଅଧିକାରୀ ନର୍ସିଂହୋମ୍‌ର ଯୁବତୀ ଲାଳସାରେ ସରକାରୀ ଅନୁମତି ଦେଇଥିବା କୁହାଯାଉଛି। ନର୍ସିଂହୋମ୍ ସ୍ଥାନରେ ବା ନିର୍ମାଣଧିନ ନର୍ସିଂହୋମ୍‌ର ଭିତ୍ତିଭୂମି ନଥାଇ କିପରି ସରକାରକ ଅନୁମୋଦନ ଲାଭ କରିଛି ଏହାକୁ ନେଇ ପ୍ରଶ୍ନ ବି ଉଠୁଛି। ରାଜ୍ୟରେ ବିଭିନ୍ନ ପ୍ରକାର ଅଭିଯୋଗ ସରକାରୀ ଅଫିସରମାନଙ୍କ ବିରୁଦ୍ଧରେ ଆସୁଥିବା ବେଳେ ତଥାପି ବିଭାଗୀୟ ଅଧିକାରୀମାନେ ସଚେତନ ହେବା ପରିବର୍ତ୍ତ ଯୁବତୀ ପ୍ରଲୋଭନ ଓ ଅର୍ଥ ଲାଳସାରେ ଅନୁମତି ଦିଆଯାଉଥିବା

**ଆଖିବୁଜିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ**

ଅଭିଯୋଗ ହେଉଛି। ସଂପୃକ୍ତ ନର୍ସିଂହୋମ୍ ମାଲିକ ବିଭିନ୍ନ ରାଜନୈତିକ ନେତାଙ୍କ ସହିତ ସଂପର୍କ ରଖି ନିର୍ବାଚନରେ ସବୁ ଦଳର ନେତାଙ୍କ ସପକ୍ଷରେ ଅର୍ଥ ବ୍ୟୟ କରିବା ଓ ବିଭାଗୀୟ ସରକାରୀଙ୍କୁ ଯୁବତୀ ଓ ଅର୍ଥ ଦେଇ ଉକ୍ତ ବେଆଇନ୍ ନର୍ସିଂହୋମ୍‌ର ସରକାରୀ ଅନୁମୋଦନ ଲାଭ କରି ଆସୁଥିବା ବେଳେ ଏବେ ସଂପୃକ୍ତ ନର୍ସିଂହୋମ୍‌ର ସଂପ୍ରସାରଣକୁ ନେଇ ସମସ୍ତେ ଆଶ୍ଚର୍ଯ୍ୟ ପ୍ରକଟ କରୁଥିବା ଲକ୍ଷ୍ୟ କରାଯାଉଛି। ସଂପୃକ୍ତ ନର୍ସିଂହୋମ୍ ପ୍ରଚ୍ଛଦପଟରେ ସାଂସଦ, ବିଧାୟକ ଓ ସ୍ୱାସ୍ଥ୍ୟ ବିଭାଗର ବଡ ବଡ ମୁଣ୍ଡିଙ୍କ ସମର୍ଥନରେ ଏଭଳି ବେଆଇନ୍ ନର୍ସିଂହୋମ୍ ଦୀର୍ଘ ବର୍ଷ ଧରି ଜଗତସିଂହପୁରରେ ଚାଲିଆସୁଥିବା ବେଳେ ଏବେ ଦ୍ରୁତ ବେଗରେ ସଂପ୍ରସାରଣ ହେବାରେ ଲାଗିଛି। ନର୍ସିଂହୋମ୍‌ର ସରକାରୀ ଗାଇଡ୍‌ଲାଇନ୍ ଅନୁସାରେ ନର୍ସିଂହୋମ୍ ଏଠାରେ ହେବା ଉଚିତ୍ ନୁହେଁ ବୋଲି ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବରିଷ୍ଠ ଅଫିସର କେତେକ ମତବ୍ୟକ୍ତ କରୁଥିବା ଶୁଣାଯାଉଛି। ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗର କିଛି ବରିଷ୍ଠ ଅଧିକାରୀ କୁଆଡେ ସଂପୃକ୍ତ ନର୍ସିଂହୋମ୍‌ର ମାଲିକ ତାର ନିଜର ସୁନ୍ଦରୀ ଯୁବତୀ ଷ୍ଟାଫ୍‌ଙ୍କୁ ଅଫିସରମାନଙ୍କୁ ଗିଫ୍ଟ ଆକାରରେ ଅଫର୍ କରି ଏହି ବେଆଇନ୍ ନର୍ସିଂହୋମ୍ ଚଳାଇଆସୁଥିବା ଅଭିଯୋଗ ହେଉଛି। ତୁରନ୍ତ ଏହାର ଅନୁସନ୍ଧାନ କରାଯାଇ ଆଇନ୍‌ଗତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଆବଶ୍ୟକ ରହିଛି। ନଚେତ୍ ଭବିଷ୍ୟତରେ ଆଇନ୍ ଫାଁସରେ ତଳ ଠାରୁ ଉପର ସ୍ତର ପର୍ଯ୍ୟନ୍ତ ସମସ୍ତ ଅଫିସର୍ ବଦନାମ ହେବା ସାଙ୍ଗକୁ ବନ୍ଧା ହେବା ନିଶ୍ଚିତ ବୋଲି କୁହାଯାଉଛି।

## ସୀତାରମଣଙ୍କ ପ୍ରଶ୍ନ... କାଶ୍ମୀର ପ୍ରସଙ୍ଗ ଉଠାଇଲା କିଏ ?




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବୁଧବାର ରାଜ୍ୟସଭାରେ କାଶ୍ମୀର ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି ଯେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ କାଶ୍ମୀର ପ୍ରସଙ୍ଗକୁ ପ୍ରଥମେ ଜାତିସଂଘରେ ଉପସ୍ଥାପନ କରିଥିଲେ। ହେଲେ ଏହା ଭାରତର ସମସ୍ୟା (ପୃଷ୍ଠା-୨)

# ସଚିବ ବିଷ୍ଣୁପଦଙ୍କ ମାତୃ ବିୟୋଗ

## ମାଷ୍ଟର କ୍ୟାଣ୍ଟିନ୍ ପେପର ଏଜେଣ୍ଟ ଓ ହକରମାନଙ୍କ ଶୋକ, ଅମର ଆତ୍ମାର ସଦ୍‌ଗତି କାମନା

**ଭୁବନେଶ୍ୱର(ରବିନ୍ଦ୍ର କୁମାର ନାୟକ, ହକର):-** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସଂପର୍କ, ସ୍କୁଲ୍ ଓ ଗଣଶିକ୍ଷା ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ମାତା ଶୁକମଣି ଦେବୀଙ୍କ ୮୩ ବର୍ଷ ବୟସରେ ହୋଲି ଦିନ ପରଲୋକ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ସୁହୁରିଆ ପଞ୍ଚାୟତ ନରସିଂହପୁର ଗାଁସ୍ଥିତ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି।



ସେ ଜଣେ ଧର୍ମପ୍ରାଣା ମହିଳା ଭାବେ ଏ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମୃତ୍ୟୁ ସମୟରେ ସ୍ୱାମୀ ଭଜହରି ସେଠୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗାଁ ମାଟିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ତାଙ୍କର ଏକମାତ୍ର ପୁତ୍ର ତଥା ପ୍ରମୁଖ ସଚିବ ଶ୍ରୀ ସେଠୀ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକ ଖବର ପାଇ ଭୋଗରାଇ ବିଧାୟକ ଅନନ୍ତ ଦାସ, (ପୃଷ୍ଠା-୨)

# ଜଗତସିଂହପୁରରେ କଂଗ୍ରେସକୁ ଜିତାଇଲା ବିଜେଡି !

**ଜଗତସିଂହପୁର(ଅକ୍ଷୟ କୁମାର ବେହେରା):-** ଜଗତସିଂହପୁର ଓ ପାରାଦ୍ୱୀପ ପୌର ନିର୍ବାଚନ ଫଳାଫଳ ପ୍ରକାଶ ପାଇଥିବା ବେଳେ ଜଗତସିଂହପୁରରେ କଂଗ୍ରେସ ପ୍ରାର୍ଥିନୀ ଅର୍ଚ୍ଚନା ସିଂ ବିଜୟଲାଭ କରିଛନ୍ତି। ପାରାଦ୍ୱୀପରେ ବିଜେଡି ପ୍ରାର୍ଥୀ ବସନ୍ତ କୁମାର ବିଶ୍ୱାଳ ବିଜୟଲାଭ କରିଛନ୍ତି। ଜଗତସିଂହପୁରରେ ବିଜେଡିର ପରାଜୟ ଓ କଂଗ୍ରେସର ବିଜୟକୁ ନେଇ ରାଜନୈତିକ ମହଲରେ ବଡ ଧରଣର ଚର୍ଚ୍ଚା ଆରମ୍ଭ ଆରମ୍ଭ ହୋଇଛି। ଜଗତସିଂହପୁରରେ ବିଜେଡିର ପରାଜୟକୁ ନେଇ ଦଳର କିଛି ତୁଙ୍ଗ ନେତା ମୁଣ୍ଡ ବାଡେଇ କାନ୍ଦୁଥିବା ବେଳେ ବିଜେଡିର ଅସନ୍ତୁଷ୍ଟ ତଥା ବଦମାସିଆ ଗୋଷ୍ଠୀ କଂଗ୍ରେସ ପ୍ରାର୍ଥିନୀଙ୍କୁ ବିଜୟୀ କରାଇଥିବା ମଧ୍ୟ ଆଲୋଚନା ହେଉଛି। ଖବରରୁ ପ୍ରକାଶ ଅର୍ଚ୍ଚନା ସିଂ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ରାଜଶ୍ରୀ ମହାପାତ୍ରଙ୍କ ଠାରୁ ମାତ୍ର ୨୨୦ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ତେବେ ଏଠାରେ ମୋଟ ୨୧ଟି ୱାର୍ଡ ମଧ୍ୟରୁ ବିଜେଡିର ୯ଜଣ କାଉନ୍‌ସିଲର୍ ପ୍ରାର୍ଥୀ ବିଜୟହାସଲ କରିଥିବା ବେଳେ କଂଗ୍ରେସକୁ ୭ଟି ଆସନ ମିଳିଛି। ସେହିପରି ଏଠାରେ ପ୍ରଥମ ଥର ପାଇଁ ବିଜେପିର ୨ଜଣ କାଉନ୍‌ସିଲର ପ୍ରାର୍ଥି ବିଜୟାହାସଲ କରି ଖାତା ଖୋଲିଥିବା ବେଳେ ୩ଜଣ ସ୍ୱାଧୀନ କାଉନସିଲର



ପ୍ରାର୍ଥୀ ବିଜୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ଆଲୋଚନା ହେଉଛି ୨୦୧୪ ମସିହା ସାଧାରଣ ନିର୍ବାଚନରେ ବରିଷ୍ଠ ବିଧାୟକ ୰ ବିଷ୍ଣୁ ଚରଣ ଦାସଙ୍କୁ ଦଳୀୟ ତୁଙ୍ଗ ନେତା ଓ କର୍ମୀ ପରାସ୍ତ କରିଥିଲେ। ୰ ଦାସ ମାତ୍ର ୨୮୮୮ ଭୋଟ ବ୍ୟବଧାନରେ ପରାଜୟ ବରଣ କରିଥିଲେ ଏବଂ କଂଗ୍ରେସ ବିଧାୟକ ପ୍ରାର୍ଥୀ ଚିରଞ୍ଜୀବ ବିଶ୍ୱାଳକୁ ବିଜୟ କରିବାରେ ସାହାଯ୍ୟ କରିଥିଲେ। ବର୍ତ୍ତମାନ ପୌର ନିର୍ବାଚନରେ ସେହିପରି କିଛି ଅସନ୍ତୁଷ୍ଟ ତୁଙ୍ଗ ନେତା ଓ କର୍ମୀ ଉଦ୍ଦେଶ୍ୟମୂଳକ ଭାବେ କଂଗ୍ରେସକୁ ଭୋଟ ଦେଇ ବିଜେଡି ପ୍ରାର୍ଥିନୀ ରାଜଶ୍ରୀ ମହାପାତ୍ରଙ୍କୁ ପରାଜିତ କରି କଂଗ୍ରେସ ପ୍ରାର୍ଥିନୀଙ୍କୁ ବିଜୟୀ କରାଇଥିବା କୁହାଯାଉଛି। କେତେକ ଆଶାୟୀ ପ୍ରାର୍ଥୀଙ୍କୁ ଟିକେଟ୍ ନ ମିଳିବା, ୰ ଦାସଙ୍କ ସମର୍ଥକ ଓ ପରିବାରମାନଙ୍କୁ ଦଳ ମଧ୍ୟରେ କୋଣଠେସା କରାଯିବା, ଏପରିକି କେତେକ ୱାର୍ଡରେ ହେବିୱେଟ୍ ନେତା ଥାଇ ୱାର୍ଡରେ କାମ ନ କରି ଅହଂକାର ଓ ଗର୍ବ ବୃଦ୍ଧି ପାଇବା ଯୋଗୁଁ ଭୋଟ୍ କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ଯିବା, ପ୍ରକୃତରେ ଦଳ ଅନୁଗତ, ସମାଜସେବୀ ଓ ହିତାକାଙ୍କ୍ଷିମାନଙ୍କୁ ଦଳୀୟ ଟିକେଟ୍ ଦିଆନଯାଇ ଭାବପ୍ରୀତି ଓ ବ୍ୟକ୍ତିଗତ ସମ୍ପର୍କୀୟଙ୍କୁ ଦଳର ସ୍ୱାର୍ଥରେ ସେମାନଙ୍କ ହାତକୁ ଟେକିଦେବା ଆଦି ଅନେକ ଘଟଣାବଳୀକୁ ନେଇ ଅସନ୍ତୁଷ୍ଟ ବିଜେଡି ନେତା ଓ କର୍ମୀ କଂଗ୍ରେସ ଦଳକୁ ଭୋଟ ଦେଇ ବିଜୟୀ କରାଇଥିବା ଅଭିଯୋଗ ହେଉଛି।

# ସାଂସଦଙ୍କ ଲାଗି ଜିଲ୍ଲାବାସୀ ଗର୍ବିତ

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଜଗତସିଂହପୁରର ସାଂସଦ ଡା. ରାଜଶ୍ରୀ ମଲ୍ଲିକ ସମଗ୍ର ଜଗତସିଂହପୁର ଜିଲ୍ଲାରେ ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇପଡିଥିବା ଲକ୍ଷ୍ୟ କରାଯାଉଛି। ରାଜନୀତି କ୍ଷେତ୍ରରେ ପ୍ରାୟ ୮ ବର୍ଷ ଧରି କଷରତ କରିବା ପରେ ଏବେ ତା'ର ସୁଫଳ ପାଇବାରେ ଲାଗିଛନ୍ତି। କାରଣ ସମଗ୍ର ଜଗତସିଂହପୁର ଜିଲ୍ଲାବାସୀ ରାଜଶ୍ରୀଙ୍କୁ ପ୍ରଶଂସାରେ ପୋତିପକାଉଥିବା ଲକ୍ଷ୍ୟ କରାଯାଉଛି। ଯାହା ମୁହଁରୁ ଶୁଣିବ ରାଜଶ୍ରୀ ଜଣେ ଉଚ୍ଚ ଶିକ୍ଷିତ ତଥା ଡାକ୍ତର ହେଲେ ମଧ୍ୟ ସାଂସଦ ହୋଇ ତାଙ୍କର ଗର୍ବ, ଅହଂକାର, ଅସହିଷ୍ଣୁତତା ବା ନିଛମନା ବ୍ୟକ୍ତି ନୁହଁନ୍ତି ବୋଲି ଚର୍ଚ୍ଚା ହେଉଛି। ୰ ନେତା ଚାଲିଗଲେଣି ସତ ହେଲେ ରାଜଶ୍ରୀଙ୍କୁ ଯେଉଁପରି ଭାବରେ ରାଜନୀତି କ୍ଷେତ୍ରରେ ଅସୁବିଧା ସୃଷ୍ଟି କରି ଆସୁଥିଲେ ସେ ସବୁକୁ ଭ୍ରୁକ୍ଷେପ ନ କରି ଆଗକୁ ମାଡିଚାଲିଥିବା ରାଜଶ୍ରୀ ପ୍ରଥମେ ବିଧାୟକ ପରେ ସାଂସଦ ହୋଇଥିବାରୁ ଆମେମାନେ ତଥା ଜଗତସିଂହପୁର ଜିଲ୍ଲାବାସୀ ଗର୍ବିତ ବୋଲି ଶିକ୍ଷାବିତ୍ ଓ ବରିଷ୍ଠ ରାଜନୀତିଜ୍ଞମାନେ ମତ ପୋଷଣ କରୁଛନ୍ତି। ନିକଟରେ ପାର୍ଲିଆମେଣ୍ଟରେ ୫୫ନଂ ରାଜପଥ ତଥା କନ୍ଦରପୁର-ମାଛଗାଁ ପର୍ଯ୍ୟନ୍ତ ରାସ୍ତାକୁ ଜାତୀୟ ରାଜପଥ ଭାବରେ ପରିବର୍ତ୍ତନ କରି ଏହାର ପ୍ରଶସ୍ତିକରଣ, ଲେବୁକ୍ କ୍ରସିଂ ଠାରେ ଓଭର ବ୍ରିଜ୍ ନିର୍ମାଣ ପାଇଁ ସଂସଦରେ ଦୃଢ ଦାବି ଉପସ୍ଥାପନ କରିବା ମହାନତାର ପରିଚୟ ତଥା ରାଜନୀତି କ୍ଷେତ୍ରରେ ଦୂରଦୃଷ୍ଟିର ଚିନ୍ତାଧାରା ବୋଲି କୁହାଯାଉଛି। ତେବେ କେନ୍ଦ୍ରର ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ଏ ସମସ୍ୟାକୁ ହୃଦୟଙ୍ଗମ କରି କନ୍ଦରପୁର ଠାରୁ ମାଛଗାଁ ପର୍ଯ୍ୟନ୍ତ ଜାତୀୟ ରାଜପଥ ଅଧିନରେ ରାସ୍ତା ପ୍ରଶସ୍ତିକରଣ କରିବା ପାଇଁ ୪୯୯ କୋଟି ୭୯ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବାକୁ ସମଗ୍ର ଜିଲ୍ଲାବାସୀ ସାଂସଦ ରାଜଶ୍ରୀଙ୍କୁ





ଭୂୟଂସୀ ପ୍ରଶଂସା କରିବାରେ ଲାଗିଛନ୍ତି।

ସଦ୍ୟ **ପଞ୍ଚାୟତ ନିର୍ବାଚନରେ** ତିର୍ତ୍ତୋଲ୍ ନିର୍ବାଚନ ମଣ୍ଡଳୀର ୩ ଗୋଟି ବ୍ଲକ୍‌କୁ ନିଜ ଅକ୍ତିଆରକୁ ନେବା ଦୁଃସାହସିକତା ରାଜନୀତିର ପରିଚୟ ଦେଇପାରିଥିବା କୁହାଯାଉଛି। ରାଜନୀତି ମଇଦାନରେ କେତେକ ବିଶୃଙ୍ଖଳିତ କୁଜି ନେତାଙ୍କୁ ସାବାଡ଼୍ କରି ନିଜ ଅକ୍ତିଆରରେ ୩ଟି ଯାକ ବ୍ଲକ୍ ତଥା- ତିର୍ତ୍ତୋଲ୍, ବିରିଡିଓ ରଘୁନାଥପୁର ଅଞ୍ଚଳବାସୀଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣି କରିବା ଲାଗି ଶକ୍ତି ଯୋଗାଡ କରିପାରିଥିବାକୁ ମଧ୍ୟ ପ୍ରଶଂସା କରାଯାଉଛି। ଅତୀତରେ ୰ ନେତାଙ୍କ ସୁପୁତ୍ରକୁ ନିଜର ପୁଅ ସମର୍ଥିତ କରି ତିର୍ତ୍ତୋଲ୍ ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ କରାଇବା ମାନବିକତାର ପରିଚୟ ଦେଇଥିବା ସତ୍ତ୍ୱେ ବିଶୃଙ୍ଖଳିତ ଆଚରଣ ଗୋଷ୍ଠୀ ଏବେ ବି ସୁଦ୍ଧା ସେମାନଙ୍କର ଚେତନା ଜାଗ୍ରତ ହୋଇନଥିବାରୁ ସେମାନଙ୍କୁ ସାଧାରଣରେ ମଧ୍ୟ କଟୁ ସମାଲୋଚନା କରାଯାଉଛି। ସେହିପରି **ପୌର ନିର୍ବାଚନରେ** ଜଗତସିଂହପୁର-ପାରାଦ୍ୱୀପର ବିଧାୟକ ଓ ଆଗଧାଡିର ନେତାମାନଙ୍କ ସହିତ ମିଶି ପ୍ରଚାର ଓ ପ୍ରସାର ଜୋର୍‌ଦାର କରିଥିବାକୁ ମଧ୍ୟ ପ୍ରଶଂସା କରାଯାଉଛି। ଆଗାମୀ ଦିନରେ ସାଂସଦ ରାଜଶ୍ରୀଙ୍କ ରାଜନୈତିକ ସ୍ଥିତି ସୁଦୃଢ ହୋଇପାରିଥିବା କୁହାଯାଇ ବିଭିନ୍ନ ମହଲରେ ରାଜଶ୍ରୀଙ୍କୁ ପ୍ରଶଂସା ମଧ୍ୟ କରାଯାଉଛି। ଜଗତସିଂହପୁର ଜିଲ୍ଲାରେ ଜଣେ ନାରୀ ନେତ୍ରୀ ଡାକ୍ତର ରାଜଶ୍ରୀଙ୍କୁ ପାଇ ଆମେମାନେ ଗର୍ବିତ ବୋଲି ମଧ୍ୟ ଆଲୋଚନା କରୁଛନ୍ତି।

# ମୁହଁ ଖୋଲିଲେ ଅପରାଜିତା




**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭୁବନେଶ୍ୱର ମହାନଗର ନିଗମ ପରାଜୟ ପାଇଁ ମୁହଁ ଖୋଲିଲେ ବିଜେପି ନେତ୍ରୀ ତଥା ସାଂସଦ ଅପରାଜିତ ଷଡଙ୍ଗୀ। କହିଲେ ନେତୃତ୍ୱ ସୁଦୃଢ ଥିଲେ ଦଳକୁ ଏପରି ପରାଜୟ ସାମ୍ନାକୁ କରିବାକୁ ପଡିନଥାନ୍ତା। ତେଣୁ **ପରାଜୟ ପାଇଁ ଦଳର ଦୁର୍ବଳ ନତୃତ୍ୱ ହିଁ ଦାୟୀ** ବୋଲି ସ୍ୱୀକାର କରିଛନ୍ତି ଅପରାଜିତା। ସାରା ରାଜ୍ୟରେ ବିଜେପିର ସମର୍ଥ କର୍ମୀ ଅଛନ୍ତି। ସେମାନଙ୍କ ମଧ୍ୟରେ ଉତ୍ସାହ ଅଛି। ସେମାନଙ୍କ ଭିତରେ ଭାରତୀୟ ଜନତା ପାର୍ଟିକୁ ଜିତାଇବା ପାଇଁ ସାମର୍ଥ୍ୟ ମଧ୍ୟ ଅଛି। ହେଲେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ରାଜ୍ୟ ସ୍ତରରେ ନେତୃତ୍ୱକୁ ସୁଦୃଢ କରିବାକୁ ପଡିବ। ତାହେଲେ ଯାଇ ଦଳ ବିଜୟଲାଭ କରିପାରିବ ବୋଲି ଅପରାଜିତା କହିଛନ୍ତି। ଏହାଛଡା ପୌର ନିର୍ବାଚନ ସମୟରେ ଅପରାଜିତା (ପୃଷ୍ଠା-୨)

# ଚା ବିକୁଥିବା ଭଉଣୀର ଭାଇ ମୁଖ୍ୟମନ୍ତ୍ରୀ ଯୋଗୀ




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଦେଶର ସବୁଠୁ ଅଧିକ ଜନସଂଖ୍ୟ ରାଜ୍ୟ , ଉତ୍ତର ପ୍ରଦେଶର ଲଗାତାର ଦ୍ୱିତୀୟଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ଯୋଗୀ ଆଦିତ୍ୟନାଥ ଉତ୍ତରଖଣ୍ଡର ପୋଡୀ ଗାଡଓାଲ ଜିଲ୍ଲାର ଫଂଚୁର ଗାଁରେ ୧୯୭୨ମସିହା ଜୁନ ୫ରେ ଜନ୍ମ ନେଇଥିଲେ ଅଜୟ ବିଷ୍ଟ , ଆଜିର ଯୋଗୀ ଆଦିତ୍ୟନାଥ ଯୋଗୀଙ୍କ ଠାରୁ ଛଅ ବର୍ଷ ସାନ ତାଙ୍କ ଭଉଣୀ ଶଶି।

ଏକ ସାଧାରଣ ପରିବାରରେ ଭାଇ-ଭଉଣୀଙ୍କ ମଧ୍ୟରେ ଯେପରି ଭଲ ପାଇବା ଏବଂ ସମ୍ପର୍କ ରହିଥାଏ, ଠିକ୍ ସେହିପରି ଯୋଗୀ ଏବଂ ତାଙ୍କ ଭଉଣୀ ସମ୍ପର୍କ ମାତ୍ର ୧୪ବର୍ଷ ବୟସରେ ଯୋଗୀଙ୍କ ଭଉଣୀ ଶଶିଙ୍କ ବିବାହ ହୋଇଥିଲା ଏପଟେ ଯୋଗୀ ଆଦିତ୍ୟନାଥ ନିଜକୁ ରାମ ମନ୍ଦିର ଆନ୍ଦୋଳନରେ ସାମିଲ କରିଥିଲେ। ଏଠି ମହନ୍ତ ଅବୈଦ୍ୟନାଥଙ୍କ ସହ ତାଙ୍କର ସମ୍ପର୍କ ବଢେ। ତାଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ଗୁରୁଦୀକ୍ଷା ଗ୍ରହଣ କରି, ତାଙ୍କ ଶିଷ୍ୟ ହେଲେ ଯୋଗୀ।
ଅବୈଦ୍ୟନାଥ ଯୋଗୀଙ୍କୁ ଘର ଲୋକଙ୍କ ସହ କଥା ହୋଇ ଆସିବାକୁ କହିଥିଲେ । ଯୋଗୀ ପହଂଚି କହିଥିଲେ, ମୁଁ ଗୋରଖପୁରରେ ରହିବି। ଲୋକଙ୍କ ସେବା କରିବି। ପିତା ଆନନ୍ଦ ବିଷ୍ଟ ସିଂ ପୁଅର କଥାକୁ ଠିକରେ ବୁଝିପାରି ନଥିଲେ । କିନ୍ତୁ ରାଜି ହୋଇଯାଇଥିଲେ। ମାଆ ଭାବିଥିଲେ ପୁଅ ଚାକିରି କରିବାକୁ ଯାଉଛି। କିନ୍ତୁ କିଛି ଦିନ ପରେ ପୁଅ ସନ୍ୟାସୀ ହୋଇଥିବା ଜାଣି ଚିନ୍ତାରେ ପଡିଥିଲେ। ଗରିବ ଘରେ ବିବାହିତ ଶଶି ଶାଶୂଘରେ ନିଜର ସଂସାର ଆରମ୍ଭ କରିଥିଲେ। ଦିନେ ହଠାତ ଜାଣିବାକୁ ପାଇଥିଲେ ତାଙ୍କ ଭାଇ ସାଧୁ ହୋଇଛନ୍ତି। ଦୀର୍ଘ ପରେ ଶିଶ ଜାଣିବାକୁ ପାଇଥିଲେ ଯେ ତାଙ୍କ ଭାଇ ଗୋରଖପୁର ପୀଠର ମହନ୍ତ ହୋଇଛନ୍ତି। ଚାଷ ଏବଂ ପଶୁ ପାଳି ପରିବାର ଚଳାଇବା ସମ୍ଭବ ନଥିଲା ଶେଷରେ ଶଶି ନିଜ ସ୍ୱାମୀପୁରନ ସିଂ ପାୟଲଙ୍କ ମିଶି ଗାଁର ପ୍ରସିଦ୍ଧ ମାଆ ପାର୍ବତୀ ନିକଟରେ ଫୁଲ ଏବଂ ପ୍ରସାଦର ଦୋକାନ ଖୋଲିଥିଲେ। ଶିଶଙ୍କ ଘରଠାରୁ ଏହା ପ୍ରାୟ ଅଢେଇ କିଲୋମିଟର ଦୂର ମନ୍ଦିର ନିକଟରେ ଥିବା ପ୍ରାୟ୭୦ ଦୋକାନ ମଧ୍ୟରୁ ଗୋଟିଏ ଯୋଗୀଙ୍କ ସାନ ଭଉଣୀଙ୍କର । ଶଶିଙ୍କ ତିନୋଟି ସନ୍ତାନ। ଦୁଇଟି ପୁଅ ଏବଂ ଗୋଟିଏ ଝିଅ। ୨୦୧୭ରେ ହଠାତ ଦିନେ ଶଶିଙ୍କ ଦୋକାନ ବାହାରେ ଗଣମାଧ୍ୟମ ପ୍ରତିନିଧିଙ୍କ ଲାଇନ ଲାଗିଥିଲା ଶଶି କିଛି ବୁଝିପାରୁ ନଥିଲେ। ଶଶିଙ୍କ ସ୍ୱାମୀ ପୁରନ କହିଥିଲେ ଯୋଗୀ ୟୁପିର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ସମସ୍ତେ ତାଙ୍କ ସାନ ଭଉଣୀଙ୍କୁ ଖୋଜିଖୋଜି ଏଠାରେ ପହଂଛିନ୍ତି।

ଯୋଗୀ ଆଦିତ୍ୟନାଥ ମୁଖ୍ୟମନ୍ତ୍ରୀ ହୋଇଛନ୍ତି, ନିଜ ମୁଖ୍ୟମନ୍ତ୍ରୀ ଭାଇଙ୍କ ଠାରୁ କିଛି ସାହାଯ୍ୟର ଆଶା ରହିଛି କି ପ୍ରଶ୍ନର ଉତ୍ତର ଶଶି କହିଥିଲେ । ମୁଁ ମୋ ଜୀବନରେ ଖୁସି ଅଛି । ମୋତେ କିଛି ଆବଶ୍ୟକ ନାହିଁ। ଭାଇ ଲୋକଙ୍କ ସେବା କରୁ ଏବଂ ଦିନେ ଦେଶର ପ୍ରଧାନମନ୍ତ୍ରୀ ହେଉ ଏହା ହିଁ ମୋର କାମନା ତେବେ ଏହି ସମୟରେ ଶଶି ନିଜ ଦୁଃଖ ବି କହିଥିଲେ। ଶଶି କହିଥିଲେ ୩୦ବର୍ଷରୁ ତାଙ୍କୁ ରାକ୍ଷୀ ବାନ୍ଧିପାରି ନାହିଁ। ପ୍ରତିଥର ରାକ୍ଷୀ ପଠାଏ କିନ୍ତୁ କୌଣସି ଜବାବ ଆସେ ନାହିଁ। ସନ୍ୟାସୀ ଜୀବନ ଯୋଗୁଁ ସମ୍ପର୍କରୁ ସେ ମୁକ୍ତ ହୋଇଯାଇଛନ୍ତି। ୨୦୧୭ରେ ନିର୍ବାଚନୀ ପ୍ରଚାର ସମୟରେ ସେ ଋଷିକେଶ ୟମରେଶ୍ୱର ଏବଂ ରାୟବାଲା ଆସିଥିଲେ। ଏହି ସମୟରେ ନିଜ ଗାଁ ଫଂଚୁରିରେ ଆସିଥିଲେ। ଶେଷ ଥର ପାଇଁ ସେଠି ଭେଟ ହୋଇଥିଲା ଶଶି କହିଥିଲେ, ସେ ଅଧିକ କଥା ହୁଅନ୍ତି ନାହିଁ। ବାସ ମୁରୁକି ହସି କେମିତି ଅଛି ପଚାରିଥିଲେ। ପିଲାମାନଙ୍କ ସମୟ ବିତାଇଥିଲେ ସେ କହିଥିଲେ ପରିଶ୍ରମ କର, ରୋଜଗାର କରି ଚଳ । ଆମେ ମଧ୍ୟ ଏଥିରେ ବିଶ୍ୱାସ କରୁ।

# ନିମିଷକେ ମଣିଷକୁ ପାଉଁଶ କରି ଦିଏ



ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):- ୟୁକ୍ରେନ୍ ଉପରେ ଆକ୍ରମଣ କରି ଚାଲିଛି ଋଷ। ଏମିତି ମିଶାଇଲ୍ ମାଡ କରୁଛି ଯାହାର ଜବାବ କାହା ପାଖରେ ନାହିଁ ନା ଆମେରିକା ନା ୟୁକେ ନା ଜାପାନ , ଫ୍ରାନ୍ସ କେହି ବି ଋଷର ଏହି ଶକ୍ତିଶାଳୀ ମିସାଇଲର ସାମ୍ନା କରିପାରିବେ ନାହିଁ। ସବୁଠାରୁ ଭୟଙ୍କର ଓ ସ୍ମାର୍ଟ ମିଶାଇଲ୍ କଞ୍ଚଲ ହାଇପରସୋନିକକୁ ୟୁକ୍ରେନ୍ ଉପରେ ମାଡ କରି ଚାଲିଛି ।

୧୯ମାର୍ଚ୍ଚ ପଶ୍ଚିମ ୟୁକ୍ରେନ୍‌ର ଇଭାନୋ ଫ୍ରେଙ୍କିସ୍କ ଅଂଚଳରେ ଥିବା ୟୁକ୍ରେନାର ଅସ୍ତ୍ରଶସ୍ତ୍ର ଗୋଦାମକୁ ଏହି ମିସାଇଲ୍ ମାଡ କରି ଉଡାଇ

## ଋଷ-ୟୁକ୍ରେନ୍ ଯୁଦ୍ଧ

ଦେଥିଲା ଋଷ ଏହା ବାଦ୍ ୟୁକ୍ରେନ ଉପରେ କ୍ରୁଜ୍ ମିସାଇଲ୍ ଇସ୍କନ୍ଦର ବାଲାଷ୍ଟିକ୍ ମିସାଇଲ୍ ଥର୍ମୋବେରିକ ଭଳି ଅନେକ ଜୀବନ ନାଶକ ମିସାଇଲ୍ ବର୍ଷା କରୁଛି। ଇଏ ଏମିତି ମିସାଇଲ୍ ଯାହାର ପ୍ରଭାବ ମଣିଷ ଧୂଆଁ ପାଲଟିଯିବ। ଆମେରିକା ସମେତ କୌଣସି ବି ପଶ୍ଚିମ ଦେଶ ପାଖରେ ଋଷର ଏହି ମିସାଇଲ୍‌କୁ ଖସେଇ ପକେଇବା ଭଳି ମିସାଇଲ୍ ନାହିଁ ଋଷର ଏହି ଭୟଙ୍କର ପ୍ରାଣଘାତକ ମିସାଇଲ୍ ବିଷୟରେ ଜାଣନ୍ତୁ ।ହାଇପରସୋନିକ ମିସାଇଲ୍
୧. ହାଇପରସୋନିକ ମିସାଇଲ୍-ଋଷ ରଷ୍ଟ୍ରପିତ ଭ୍ଲାଦିମୀର ପୁଟିନ ଏହାକୁ ଆଇଡିୟଲ ୱେପନ କହନ୍ତି। ଏହାର ମାରକ କ୍ଷମତା ୧୫୦୦ରୁ ୨ହଜାର କିମି ଏହି ମିସାଇଲରେ ପରମାଣୁ ବମ୍ ବି ବହନ କରାଯାଇପାରିବ। ୨୦୧୮ରେ ପ୍ରଥମେ ଏହି ମିସାଇଲେରେ ପରୀକ୍ଷା କରାଯାଇଥିଲା ଖୀପ୍ର ଗତି ସମ୍ପନ୍ନ ଏହି ମିଶାଇଲ୍ ସାମ୍ନାରେ ମଡର୍ଣ୍ଣ ଡିଫେନ୍ସ ସିଷ୍ଟମ୍ ବି ଫେଲ୍ ମାରିଯାଏ। ଆମେରିକା ପାଖରେ ଏହା ର ଜବାବ ନାହିଁ। ଏହି ମିସାଇଲରେ ସ୍ଥଳଭାଗରୁ ସମୁଦ୍ର ପଥ ଓ ଆକାଶରୁ ମାଟି ସବୁଠାରେ ଆକ୍ରମଣ କରିପାରେ କେବଳ ସେତିକି ନୁହେଁ ୫୦୦କିମି ପରମାଣୁ ପେଲୋଡ ନେଇପାରିବାର କ୍ଷମତା ରହିଛି ଏହି ମିସାଇଲରେ ।୧୯୪୧-୪୫ ବିଜୟ ସେନା ପରେଡରେ ଋଷ ଏହାକୁ ଲଂଚ କରିଥିଲା ମିଗ-୩୧କେ ବିମାନରେ ଏହି ମିସାଇଲ ମାଡ କରାଯାଉଛି ।୮ମିଠର ଲମ୍ବା ଓ ଗୋଟିଏ ମିଟର ଚୌଡା ବିଶିଷ୍ଟ ମିସାଇଲର ଓଜନ ପ୍ରାୟ ୪,୩୦୦କିଲୋଗ୍ରାମ ରହିଛି।

# ଗୋଟିଏ ରାତି ମୋ ସହ ଶୋଇଲେ ବିଜେପିରୁ ଟିକେଟ୍ ଦେବି:ବିଜେପି ନେତାଙ୍କ ଅଶ୍ଲୀଳ ଅଫର୍



**ପନ୍ନା(ସଂପର୍କବାର୍ତ୍ତା):-** ରାଜନୀତିର ଉପର ଦେଖିବା ଯେତେ ଭଲ, ଭିତରେ ସେତେ କଳୁଷିତ। ଦିନକୁ ଦିନ ରାଜନେତାଙ୍କର ଖରାପ କାର୍ଯ୍ୟକଳାପ ସାମ୍ନାକୁ ଆସିବାରେ ଲାଗିଛି। ଏହାରି ମଧ୍ୟରେ ସାମ୍ନାକୁ ଆସିଛି ଏପରି ଏକ ଘଟଣା, ଯାହାକୁ ଶୁଣି ଆପଣଙ୍କୁ ବି ଲଜ୍ଜା ଲାଗିବ। ରାଜନୀତିରେ ଭଲ ସୁଯୋଗ ଦେବା ଓ ଟିକେଟ୍ ଦେବା ଆଳରେ ବିଜେପି ନେତ୍ରୀଙ୍କୁ ଆଉ ଜଣେ ବିଜେପି ନେତା ଅଶ୍ଲିଳ ଅଫର ଦେଇଛନ୍ତି।

ବିଜେପି ନେତ୍ରୀ ଅଭିଯୋଗ କରିଛନ୍ତି ଯେ, ଟିକେଟ୍ ନାଁରେ ଅନେକ ସମୟ ଧରି ତାଙ୍କୁ ବ୍ଲାକ୍‌ମେଲ୍ କରାଯାଉଛି। ଶେଷରେ ମହିଳା ଜଣକ ବିଜେପି ନେତାଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିଛନ୍ତି। ତେବେ ଏହି ମାମଲା ପନ୍ନା ଜିଲ୍ଲାର ଗୁନ୍ନୌର ବିଧାନସଭା ନିର୍ବାଚନ ମଣ୍ଡଳରୁ ଆସିଛି। ସେଠାରେ ବିଜେପି ନେତ୍ରୀ ଅଭିଯୋଗ କରିଛନ୍ତି ଯେ, ଗ୍ୱାଲିୟର ନିବାସୀ ବିଜେପି ନେତା, ଯୁବ ମୋର୍ଚ୍ଚା ଗ୍ରାମ୍ୟର ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ କୃଷ୍ଣ ଗୁରୁରାଜ ତାଙ୍କୁ ବିଧାନସଭା ଟିକେଟ୍ ଦେବା ଓ ଆୟୋଗରେ ସାମିଲ୍ କରିବା ପାଇଁ ଅନେକ ସମୟ ଧରି ଲକ୍ଷାଧିକ ଟଙ୍କା ମାଗୁଥିଲେ। ବିଜେପି ନେତା ତାଙ୍କୁ ହୋଟେଲ ଡାକିବା ସହ ଅନୈତିକ ସମ୍ପର୍କ ରଖିବାକୁ ଦାବି କରିଥିଲେ। ଅଭିଯୁକ୍ତ ବିଜେପି ନେତା ତାଙ୍କ ଅଡିଓ ଭାଇରାଲ୍ କରିଦେବାକୁ ଦୀର୍ଘ ସମୟ ଧରି ଧମକ ଦେଉଥିବା ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି।

# ଶୋଇବା ଘରୁ ତିନିଟି କୋଲଥିଆ ତମ୍ପ ସାପ ଉଦ୍ଧାର



**ପୁରୀ(ସଂପର୍କବାର୍ତ୍ତା):-** ସତ୍ୟବାଦୀ ନିକଟସ୍ଥ ନୂଆ ସମଶେରପୁର ପଂଚାୟତ ବନମାଳୀ ଡିପ ଗ୍ରାମର ଜଣେ ନିବାସୀଙ୍କ ଶୋଇବା ଘରୁ ତିନିଗୋଟି କୋଲଥିଆ ତମ୍ପ ସାପ ଉଦ୍ଧାର ହୋଇଛି। ଏହି ଘଟଣାପରେ ସ୍ଥାନୀୟ ଅଂଚଳରେ କୋକୁ ଆଭୟ ଖେଳି ଯାଇଛି। ସୂଚନାଯୋଗ୍ୟ, ବ୍ରଜବନ୍ଧୁ ମଲ୍ଲିକ ଶୋଇବା ଘରେ ତିନିଟି ସାପ ଥିବା ଦେଖି ଭୟଭୀତ ହୋଇ ତୁରନ୍ତ ସ୍ନେକ ହେଲ୍ପଲାଇନକୁ ଖବର ଦେଇଥିଲେ। ଖବର ପାଇ ସଂଗ୍ରାମ କେଶରୀ ଘଟଣାସ୍ଥଳରେ ପହଂଚିଥିଲେ। ଅନେକ ଚେଷ୍ଟାପରେ ତିନିଟି ସାପକୁ ଉଦ୍ଧାର କରାଯାଇଥିଲାଏହି ସାପ କୋଲଥିଆ ତମ୍ପ ବୋଲି କୁହାଯାଉଛି। ଉଦ୍ଧାର ହୋଇଥିବା ସାପ ମଧ୍ୟରୁ ଦୁଇଟି ଅଣ୍ଡିରା ଓ ଅନ୍ୟଟି ମାଇ ରହିଛି । ପ୍ରତ୍ୟେକଙ୍କ ଲମ୍ବ ୫.୫ଫୁଟ ରୁ ଉର୍ଦ୍ଧ ଥିଲା ଏହି ପରି ଆଜି ଦିନ ଭିତରେ ପୁରୀର ଆଖପାଖ ଅଂଚଳରୁ ୧୨ଗୋଟି ସାପ ଉଦ୍ଧାର ହୋଇଛି । ସେଥିମଧ୍ୟରୁ ୯ଗୋଟି ନାଗ ସାପ ରହିଛି। ଉଦ୍ଧାର ହୋଇଥିବା ସମସ୍ତ ସାପକୁ ସୁରକ୍ଷିତ ଭାବେ ଉଚିତ୍ ସ୍ଥାନରେ ଛାଡି ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ପ୍ରଥମ...

ଭୁବନେଶ୍ୱର ମହାନଗର ନିଗମର ପ୍ରଥମ ମହିଳା ମେୟର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ସୁଲୋଚନା ଦାସ। ସୁଲୋଚନା ଜଣେ ସାମ୍ବାଦିକତା ଭାବେ ନିଜର କ୍ୟାରିୟର୍ ଆରମ୍ଭ କରିଥିଲେ। ଅନେକ ମୁଦ୍ରିତ ଓ ବୈଦ୍ୟୁତିକ ଗଣାମାଧ୍ୟମରେ କାର୍ଯ୍ୟକରି ନିଜର ପରାକାଷ୍ଠା ପ୍ରତିପାଦନ କରିସାରିଛନ୍ତି। ପରେ ସେ ସାମ୍ବାଦିକତା ଛାଡି ରାଜନୀତି କ୍ଷେତ୍ରରେ ପ୍ରବେଶ କରିଥିଲେ। ପ୍ରଥମେ ସେ ଜାତୀୟ କଂଗ୍ରେସରେ ରାଜନୀତି କ୍ୟାରିୟର୍ ଆରମ୍ଭ କରିଥିଲେ। ଜଣେ ଦକ୍ଷ ମୁଖପାତ୍ର ତଥା ଦକ୍ଷ ନେତ୍ରୀ ଭାବେ ସେ କଂଗ୍ରେସରେ ନିଜର ସ୍ଥାନ ସୁଦୃଢ କରିନେଇଥିଲେ। ପରେ ତାଙ୍କୁ ବିଜୁ ଜନତା ଦଳ ପକ୍ଷରୁ ଡାକରା ଆସିଥିଲା। ନବୀନ ନୀବାସକୁ ଯାଇ ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସାମିଲ୍ ହୋଇଥିଲେ। ପ୍ରଥମେ ତାଙ୍କୁ ମୁଖପାତ୍ର କରିବା ସହ ବିଜୁ ମହିଳା ଜନତା ଦଳର ଉପସଭାପତି ଦାୟିତ୍ୱ ଦିଆଯାଇଥିଲା। ସାଧାରଣ ନିର୍ବାଚନ ପରେ ସେ ଜଣେ ଭିନ୍ନକ୍ଷମ କମିଶନର ଭାବେ ନିଯୁକ୍ତି ପାଇଥିଲେ। ଦଳର ଜଣେ ଶୃଙ୍ଖଳିତ ସଭ୍ୟା ଭାବେ କାର୍ଯ୍ୟ କରିଆସୁଥିବାରୁ ଚଳିତ ପୌର ନିର୍ବାଚନରେ ଅନେକ ନେତ୍ରୀ ଥିଲେ ମଧ୍ୟ ନବୀନ ପଟ୍ଟନାୟକ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିଲେ। ଶେଷରେ ସୁଲୋଚନା ବିପୁଳ ଭୋଟ ବ୍ୟବଧାନରେ ବିଜୟଲାଭ କରିଛନ୍ତି। ସେ ୬୧ ହଜାର ଭୋଟ ବ୍ୟବଧାନରେ ବିଜୟଲାଭ କରିଛନ୍ତି। ସୁଲୋଚନାକୁ ସର୍ବାଧିକ ଭୋଟ ମିଳିଥିବା ବେଳେ ୨ୟ ସ୍ଥାନରେ ବିଜପିର ସୁନିତ୍ ମୁଣ୍ଡ ଓ ୩ୟ ସ୍ଥାନରେ କଂଗ୍ରେସର ମଧୁସ୍ମିତା ଆଚାର୍ଯ୍ୟ ରହିଛନ୍ତି। ରାଜଧାନୀ ଭୁବନେଶ୍ୱରରେ ଅଧିକାଂଶ ୱାର୍ଡରେ ଶାସକ ଦଳର ପ୍ରାର୍ଥୀ ଭାବେ କର୍ପୋରେଟର ଭାବେ ବିଜୟଲାଭ କରିଛନ୍ତି

### କଟକରେ...

ହୋଇଛନ୍ତି ଶ୍ରୀ ସିଂ। କଂଗ୍ରେସର ଗିରିବାଳା ବେହେରା ୬୮ହଜାର ୩୫୬ ଖଣ୍ଡ ଭୋଟ ପାଇଛନ୍ତି। ସେହିଭଳି ବିଜେପି ପ୍ରାର୍ଥୀ ଶ୍ରୀତମ ଦାସ ୩୯ ହଜାର ୨୨୩ ଖଣ୍ଡ ଭୋଟ ପାଇଛନ୍ତି। ଅନ୍ୟପଟେ କଟକ ମହାନଗର ନିଗମର ମୋଟ ୫୯ ୱାର୍ଡରୁ ୩୮ ୱାର୍ଡ ଦଖଲ କରିଛି ବିଜେଡି। ବହୁ ପଛରେ ରହିଯାଇଥିବା କଂଗ୍ରେସ ୮ଟି ଏବଂ ବିଜେପି ୭ଟି ୱାର୍ଡରେ ଜିତିଥିବାକୁ ସକ୍ଷମ ହୋଇଛି। ସ୍ୱାଧୀନ ଖାତାକୁ ଯାଇଛି ୬ଟି ୱାର୍ଡ।

### ସଚିବ...

ବ୍ଲକ୍ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ସୁହୁରିଆ ସରପଞ୍ଚ ଜଗନ୍ନାଥ ସେଠୀଙ୍କ ସମେତ ସମିତି ସଭ୍ୟ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। କର୍ତ୍ତବ୍ୟନିଷ୍ଠ ପ୍ରଶାସନିକ ଅଧିକାରୀ ଏବଂ ଜଣେ ସର୍ଜନଶୀଳ ସ୍ରଷ୍ଟାଙ୍କୁ ଜନ୍ମ ଦେଇଥିବା ମାତା ଯେ ଜଣେ ମୂଲ୍ୟବୋଧି ଏବଂ ସଂସ୍କାରୀ ମଣିଷ ହୋଇଥିବେ ଏ କଥା କହିବା ନିଷ୍ପ୍ରୟୋଜନ। ମା'ଙ୍କ ସଂସ୍କାର ପିଲାମାନଙ୍କଠାରେ ହିଁ ପ୍ରତିଫଳିତ ହୋଇଥାଏ। ଶୁକମଣିଙ୍କ ବିୟୋଗ ଖବର ହୋଲିର ମାହୋଲକୁ ଫିକା କରିଦେଇଥିଲା। ଭଲ ମଣିଷଙ୍କ ସଂଖ୍ୟା କମିଆସୁଥିବା ସମୟରେ ଏଭଳି ଜଣେ ଦରଦୀ ଏବଂ ଧର୍ମପ୍ରାଣା ମହିଳାଙ୍କ ବିୟୋଗ ଅନେକଙ୍କୁ ବ୍ୟଥିତ କରିଛି। ସ୍ୱର୍ଗତ ଶୁକମଣିଙ୍କୁ ଜାଣିଥିବା ଲୋକେ ମର୍ମାହତ ହୋଇଛନ୍ତି। ଏଥିସହିତ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନସ୍ଥିତ ନ୍ୟୁଜ୍‌ପେପର ଆସୋସିଏସନ୍‌ର ରବିନ୍ଦ୍ର କୁମାର ନାୟକ, ଅରୁଣ ଉଦୟ ପ୍ରଧାନ, ଲିଙ୍ଗରାଜ ପାତ୍ର, କମଳା ଖାମରାଇ ଓ ଦିଲ୍ଲିପ୍ କୁମାର ଜେନା ପ୍ରମୁଖ ଶୋକବ୍ୟକ୍ତ କରିବା ସହିତ ସ୍ୱର୍ଗତ ଶୁକମଣିଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

### ମୁହଁ ଖୋଲିଲେ...

କାହିଁକି ଭୋଟ ଦେଲେନି ବୋଲି ମଧ୍ୟ ପ୍ରଶ୍ନ ଉଠିଥିଲା। ଏହାର ଉତ୍ତରରେ ଅପରାଜିତା କହିଛନ୍ତି ଯେ, ଯେତେବେଳେ ପୌର ନିର୍ବାଚନ ପାଇଁ ଭୋଟ ପଡିଲା ସେତେବେଳେ ସାଂସଦ ଅପରାଜିତା ଷଡଙ୍ଗୀ ଜରୁରୀ କାମକୁ ନେଇ ଦିଲ୍ଲୀ ଯାଇଥିଲେ। ଯେହେତୁ ସଂସଦରେ କିଛି ଗୁରୁତ୍ୱପୂର୍ଣ୍ଣ କାମ ଥିଲା ଏବଂ ଏଥିପାଇଁ ସାଂସଦ ମାନଙ୍କ ପାଇଁ ହୁଇପ୍ ଜାରି କରାଯାଇଥିଲା ତେଣୁ ସେ ଭୋଟ ଦେଇପାରିଲେ ନାହିଁ ବୋଲି କହିଛନ୍ତି ଅପରାଜିତା। ତେବେ ଦିନେ ସମୟ ଆସିବ ଯେତେବେଳେ ଏକ ନୂଆ ସୂର୍ଯ୍ୟ ଉଇଁବ ଏବଂ ପଦ୍ମ ଫୁଟିବ ବୋଲି କହିଛନ୍ତି ଅପରାଜିତା।

### ସୀତାରମଣଙ୍କ...

ହୋଇଥିବାରୁ ବିଶ୍ୱ ସ୍ତରକୁ ଯିବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନେହେରୁ ଜାତିସଂଘ ସୁରକ୍ଷା ପରିଷଦରେ ୧୯୪୮ରେ ଏକ ପିଟିସନ୍ ଦାଏର କରିଥିଲେ। କାଶ୍ମୀରକୁ ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ପ୍ରଥମ ଯୁଦ୍ଧ ପରେ ସେ ଏପରି କରିଥିଲେ। ପିଟିସନ୍ ଦାଖଲ ପରେ ସୁରକ୍ଷା ପରିଷଦ ଦୁଇ ଦେଶ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା କରିବା ପାଇଁ ଏକ ୟୁଏନ୍ କମିଶନ୍ ଗଠନ କରିଥିଲା ରାଜ୍ୟ ସଭାରେ ଏହି ପ୍ରସଙ୍ଗକୁ ଉଠାଇ ନିର୍ମଳା କହିଥିଲେ ଯେ କାଶ୍ମୀର ହେଉଛି ଭାରତ ସହିତ ଜଡିତ ସମସ୍ୟା କଂଗ୍ରେସ୍ ଏହାକୁ ନେଇ ଜାତିସଂଘରେ ପହଂଚାଇଦେଇଥିଲା କିଏ ପହଂଚାଇଥିଲେ? ଆମର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁ ଏହାକୁ ନେଇ ୟୁଏନ୍ ପଖରେ ଫେରଦ ହୋଇଥିଲେ। କାହିଁକି? କାରଣ ଇଂରେଜମାନେ ତାଙ୍କୁ କହିଥିଲେ ଯେ ଏହି ପ୍ରସଙ୍ଗ ଆଉ କେଉଁଠାରେ ସମାଧାନ ହୋଇପାରିବ ନାହିଁ। ପରେ ସେ ଏହାକୁ ୟୁଏନ୍ ପାଖରେ ଉଠାଇଥିଲେ। ତେବେ ଏହି ପ୍ରସଙ୍ଗ ଗ୍ଲୋବାଲ୍ ଫୋରମ ରେ ପହଂଚିବା ଉଚିତ୍ ନଥିଲା ଏହା କେବଳ ଭାରତର ସମସ୍ୟା ଥିଲା ଆମେ ଏହାର ସମାଧାନ କରିପାରିଥାନ୍ତୁ। ବର୍ତ୍ତମାନ ଏହାକୁ ଆମେ ସମ୍ଭାଳୁଛୁ ଏବଂ ଏହାର ପାର୍ଥକ୍ୟ ମଧ୍ୟ ଦେଖୁଛୁ ବୋଲି ନିର୍ମଳା ସୀତାରମଣ କହିଛନ୍ତି।

# ସାମ୍ବଦିକଙ୍କୁ ଦୁର୍ବ୍ୟବହାର ମାମଲାରେ ସଲମାନଙ୍କୁ ସମନ



ନୂଆଦିଲ୍ଲୀ ୨୩।୩ ; ବିବାଦ ସହିତ ବଲିଉଡ ଅଭିନେତା ସଲମାନ ଖାନଙ୍କର ପୁରୁଣା ସମ୍ପର୍କ ରହି ଆସିଛି । ପୁଣି ଥରେ ସେ ଏକ ଆଇନଗତ ଅସୁବିଧାରେ ପଡିଛନ୍ତି। ବିଗତ ଅନେକ ବର୍ଷ ଧରି ତାଙ୍କ ନାମ ଭିନ୍ନ ମାମଲା ସହିତ ଜଡିତ ଅଛି । ବର୍ତ୍ତମାନ ଆଉ ଏକ ନୂଆ ମାମଲା ସାମ୍ନାକୁ ଆସିଛି, ଯେଉଁଥି ପାଇଁ ଖାନକୁ ପୁଣି ଥରେ କୋର୍ଟରେ ହଜାର ହେବାକୁ ପଡିପାରେ।

ଚାରି ବର୍ଷ ପୂର୍ବେ ସଲମାନ ଖାନ ଏବଂ ତାଙ୍କ ବଡିଗାର୍ଡଙ୍କ ବିରୋଧରେ ଜଣେ ସାମ୍ବଦିକ ଅଭିଯୋଗ କରିଥିଲେ। ପ୍ରଥମେ ସେମାନଙ୍କୁ ଦୁର୍ବ୍ୟବହାର କରାଯାଇଥଲା ଏବଂ ପରେ ଧମକ ଦିଆଯାଇଥିଲା ସମାନ ପ୍ରସଙ୍ଗରେ ମୁମ୍ବାଇର ଆନ୍ଧେରି ମାଜିଷ୍ଟ୍ରଟ କୋର୍ଟ ବର୍ତ୍ତମାନ ସଲମାନ ଖାନଙ୍କ ସମନ ପଠାଇଛନ୍ତି ଡାକରା ଅନୁଯାୟୀ ସଲମାନ୍ ଖାନ ୫ ଏପ୍ରିଲ ୨୦୨୨କୋର୍ଟରେ ହାଜର

## ଏପ୍ରିଲ୍ ୫ରେ ହାଜର ନିର୍ଦ୍ଦେଶ

ହେବେ। ସାମ୍ବଦିକ ଅଶୋକ ପାଣ୍ଡେ ୨୦୧୯ରେ ସଲମାନ ଖାନ ଏବଂ ତାଙ୍କ ବଡିଗାର୍ଡଙ୍କ ବିରୋଧରେ ଅଭିଯୋଗ ଆଣି ଥିଲେ । ଅଭିଯୋଗରେ ଅଶୋକ ପାଣ୍ଡେଙ୍କ ତରଫରୁ କୁହାଯାଇଛି କି ୨୦୧୯ମସିହାରେ ସେ ତାଙ୍କ କ୍ୟାମେରାମ୍ୟାନଙ୍କ ସହ କ କୌଣସି ସ୍ଥାନକୁ ଯାଉଥିଲେ ଏବଂ ସଲମାନ ଖାନ ସାଇକେଲ ଚଳାଉଥିଲେ। ଅଭିନେତାଙ୍କ ଉଭୟ ବଡିଗାର୍ଡଙ୍କ ଠାରୁ ଅନୁମତି ନେବା ପରେ ଅଶୋକ ତାଙ୍କ ଭିଡିଓ ରେର୍କଡ଼ ଆରମ୍ଭ କରିଥିଲେ। ସଲମାନ ଖାନ ଏ ବିଷୟରେ ଜାଣିବା ମାତ୍ରେ ସେ ଏହାକୁ ବିରୋଧ କରିବାକୁ ଲାଗିଲେ। ଏହା ପରେ ସଲମାନ ଖାନଙ୍କ ବଡିଗାର୍ଡ ମଧ୍ୟ ତାଙ୍କ ଉପରେ ହାତ ଉଠାଇଥିଲେ କେବଳ ଏତିକି ନୁହେଁ ଅଶୋକ ତାଙ୍କ ଅଭିଯୋଗରେ ସ୍ପଷ୍ଟ କରିଛନ୍ତି ଯେ ସଲମାନ ଖାନ ମଧ୍ୟ ତାଙ୍କୁ ମାର୍ ପିଟ୍ କରିଥିଲେ ପରେ ତାଙ୍କୁ ଫୋନ କରି ଧମକ ଦେଇଥିଲେ।

ନିକଟରେ ସଲମାନ ଖାନଙ୍କୁ କୃଷ୍ଣ ମୃଗ ଶିକାର ମାମଲାର କୋର୍ଟରୁ ମିଳିଛି। ଏହି ୨୩ବର୍ଷ ପୁରୁଣା ମାମଲାରେ ସଲମାନ ଖାନଙ୍କ ଆବେଦନକୁ ରାଜସ୍ଥାନ ହାଇକୋର୍ଟ ଗ୍ରହଣ କରିଛନ୍ତି। ବାସ୍ତବରେ ସଲମାନ ଖାନ ଏହି ମାମଲାରେ ସ୍ଥାନାନ୍ତର ସହ ଜଡିତ ଏକ ପିଟିସନ ଦେଇଥିଲେ। ବର୍ତ୍ତମାନ ନିମ୍ନ ଅଦାଲତତ ବଦଳରେ ହାଇକୋର୍ଟରେ ଏହି ମାମଲାର ଶୁଣାଣିହେବ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ମାର୍ଚ୍ଚ ୨୮ ରୁ ଏପ୍ରିଲ୍ ୩, ୨୦୨୨, ଜଗତସିଂହପୁର
March 28 to April 3, 2022, Jagatsinghpur

www.samparkabarta.in



## ରାଉରକେଲା ଏନ୍ଆଇଟି ଛାତ୍ରଛାତ୍ରୀଙ୍କ ଖାଦ୍ୟ ଚିନ୍ତା

**ରାଉରକେଲା(ସଂପର୍କବାର୍ତ୍ତା):-** କରୋନା କଟକଣା ହଟିବା ପରେ ସ୍ୱାଭାବିକ ହୋଇଛି ରାଉରକେଲାସ୍ଥ ଜାତୀୟ ବୈଷୟିକ ଶିକ୍ଷା ପ୍ରତିଷ୍ଠାନ ଏନ୍ଆଇଟି ଆରମ୍ଭ ହୋଇଛି ଅଫ୍ ଲାଇନ୍ ପାଠପଢା ପ୍ରାୟ ସମସ୍ତ ଛାତ୍ରାବାସ ମେସ୍ ଖୋଲିଛି। ମୋଟ୍ ୭ଟି ଛାତ୍ର ଓ ୨ ଛାତ୍ରୀ ନିବାସ ପାଇଁ ରହିଛି ୭ଟି ମେସ୍ ଏବେ ପାଖିପାଖି ଏବେ ପାଖାପାଖି ୫ହଜାରରୁ ଅଧିକ ଛାତ୍ରଛାତ୍ରୀ ଏସବୁ ମେସ୍ ରେ ଖାଉଛନ୍ତି। ଛାତ୍ରଛାତ୍ରୀଙ୍କ ପାଇଁ ମେସ୍ଗୁଡିକରେ ଦୈନିକ ୪ଥର ଖାଦ୍ୟର ବ୍ୟବସ୍ଥା କରାଯାଇଛି। ସକାଳ ୭ଟାରୁ ୯ଟା ମଧ୍ୟରେ ଜଳଖିଆ ମଧ୍ୟାହ୍ନ ୧୨ଟାରୁଅପରାହ୍ନ ୧.୩୦ ଭିତରେ ମଧ୍ୟାହ୍ନ ଭିତରେ ମଧ୍ୟାହ୍ନ ଭୋଜନ, ସଂଧ୍ୟା ୫ଟାରୁ ୬.୧୫ପର୍ଯ୍ୟନ୍ତ ସାନ୍ଧ୍ୟ ଜଳଯୋଗ ଓ ରାତି ୭ଟା ୪୫ରୁ ୯ଟା ୧୫ପର୍ଯ୍ୟନ୍ତ ରା ତ୍ରୀ ଭୋଜନ ପାଇଁ ସମୟ ନିର୍ଦ୍ଧାରଣ କରାଯାଇଛି କ୍ୟାଟିରିଂ ସେବା ଯୋଗାଉଥିବା ଠିକା ସଂସ୍ଥାକୁ ମେସ୍ ଚଳାଇବା ପାଇଁ ପ୍ରତିବର୍ଷ ଏନ୍ଆଇଟି ଟେଣ୍ଡର ଜରିଆରେ ମନୋନୀତ କରିବାର ନିୟମ ରହିଛି। କିନ୍ତୁ ବିଡମ୍ବନା ଯେ କିଛି ନିର୍ଦ୍ଦିଷ୍ଟ ଠିକା ସଂସ୍ଥା ବର୍ଷ ବର୍ଷ ଧରି ଏହି ମେସ୍ଗୁଡିକୁ ଚଳାଉଛନ୍ତି । ଫଳରେ ଅନେକ ଅଭିଯୋଗ ଆସୁଥିଲେ ମଧ ଭିତିର ସଲାସୁତୁରାରେ ସବୁ କିଛି ଚାଲୁଥିବାରୁ ତଦାରଖ ଦାୟିତ୍ୱରେ ଥିବା ଏନ୍ଆଇଟି ଅଧିକାରୀମାନେ ଥରୁଟିଏ ଏସବୁ ଠିକା ସଂସ୍ଥା ବିରୋଧରେ ମୁହଁ ଖୋଲୁ ନାହାନ୍ତି। ତେଣୁ କୌଣସି କାର୍ଯ୍ୟାନୁଷ୍ଠାନ ମଧ ହେଉନି ଫଳରେ କିଛି ଠିକା ସଂସ୍ଥା ମନଇଚ୍ଛା ମେସ୍ ଚଳାଉଛନ୍ତି। ଅନେକ ସମୟରେ ନିମ୍ନମାନର ଖାଦ୍ୟ ପରସା ଯାଉଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରୁଛନ୍ତି। କେବଳ ଏତିକି ନୁହେଁ ଏହି ନିମ୍ନମାନରେ ଖାଦ୍ୟ ପାଇଁ ବି ସେମାନଙ୍କୁ ଘଣ୍ଟା ଧରି ଲାଇନ୍ରେ ଛିଡା ହେବାକୁ ପଡୁଛି। ଫଳରେ ଅନେକ ପଢାପଢି ଏପରିକି ଯିବାରେ ମଧ ସମସ୍ୟା ହେଉଛୁ। ସମସ୍ତେ ଏହା ଜାଣୁଥିଲେ ହେଁ ଏନ୍ଆଇଟି କର୍ତ୍ତିପକ୍ଷ ସ୍ଥିତି ସୁଧାରିବାଲାଗି କୌଣସି ପ୍ରକାଶ କରୁ ନାହାନ୍ତି ଦେଶର ଅନେକ ରାଜ୍ୟରୁ ଏପରିକି ବିଦେଶରୁ ଶହ ଶହ ଛାତ୍ରଛାତ୍ରୀ ରାଉରକେଲା ଏନ୍ଆଇଟିରେ ପଢଛନ୍ତି। ଏହାର ସ୍ଥିତି ଉପରେ ଗୋଟିଏ ଦୃଷ୍ଟିରୁ ରାଜ୍ୟର ସୁନାମ ମଧ ନିର୍ଭର କରୁଛି। କିଛି ଏପରି ଜାତୀୟ ଅନୁଷ୍ଠାନରେ ଚାଲିଥିବା ଏହି ସ୍ଥିତି ସଂପର୍କରେ କର୍ତ୍ତୃପକ୍ଷ ନିରବ ରହିବା ସମସ୍ତଙ୍କ ଆଶ୍ଚର୍ଯ୍ୟ କରଛି। ମିଳିଥିବା ସୂଚନା ଅନୁସାରେ ଅନେକ ବ୍ୟକ୍ତିବିଶେଷ ପ୍ରାୟ୫ବର୍ଷରୁ ଅଧିକ ସମୟ ଧରି ମେସ୍ ଚଳାଉଥିଲେ ହେଁ ଟେଣ୍ଡର ନକରି ସେମାନଙ୍କୁ ବାରମ୍ବାର ସୁଯୋଗ ଦିଆଯାଉଛି। ଫଳରେ ସେମାନେ ମନଇଚ୍ଛା ମେସ୍ ଚଳାଇ ନିଜ ପକେଟ ଗରମ କରୁଥିବାବେଳେ ଛାତ୍ରଛାତ୍ରୀ ଭୀଷଣ ହଇରାଣ ହେଉଛନ୍ତି। ଉଲ୍ଲେଖ ଯୋଗ୍ୟ ଗତ ୨୦୦୯ରୁ ୨୦୧୪ପର୍ଯ୍ୟନ୍ତି ତତ୍କାଳୀନ ବିନା ଟେଣ୍ଡରରେ ଏନ୍ଆଇଟିର ଏହି ମେସ୍ଗୁଡିକ ଚାଲିଥିଲା କ୍ୟାଟିଂର ସଂସ୍ଥାର ମାଲିକମାନେ ବିଭାଗୀୟ ଅଧିକାରୀଙ୍କୁ ମୋଟା ଅଙ୍କର ହାତ ଗୁଞ୍ଜା ନେଇ ମନଇଚ୍ଛା ବର୍ଷ ବର୍ଷ ଧରି କାମ ଚଳାଉଥିଲେ। ଏସବୁ କାର୍ଯ୍ୟରେ ସ୍ୱଚ୍ଛତା ଆଣିବାକୁ ଏହି ମେସ୍ଗୁଡିକ ଚାଲିଥିଲା ୨୦୧୫ପରେ ଆରାମ୍ଭ ହେଲେ ଟେଣ୍ଡର ପ୍ରକିୟା କିନ୍ତୁ ମେସ୍ ପରିଚାଳନା ଦାୟିତ୍ୱରେ ଥିବା ଏନ୍ଆଇଟିର କିଛି ଲାଭଖୋର ଅଧିକାରୀ ନାନା ଚାଲାକି କରି ସ୍ଥିତିକୁ ବଦଳିବାର ସୁଯୋଗ ଦେଉ ନାହାନ୍ତି। ଲୋକ ଦେଖାଣିଆ ଭାବେ ନାଁକୁ ମାତ୍ର ଟେଣ୍ଡର ହେଉଛି କିନ୍ତୁ ଅଧିକାରୀମାନେ ରାତାରାତି ନିଷ୍ପତ୍ତି ନେଉଛନ୍ତି। ବିଭିନ୍ନ ନିୟମର ଆଳରେ ନୂଆ ଆବେଦନକାରୀଙ୍କୁ ଦୂରେଇ ରଖୁଛନ୍ତି । କିନ୍ତୁ ସ୍ଥିତିରେ କିଛି ସ୍ଥିତିରେ କିଛି ପରିବର୍ତ୍ତନ ଘଟୁନାହିଁ। ପଢିବାକୁ ଓ ଉଚ୍ଚତର ଗବେଷଣା କରିବାଲାଗି ଏଠାକୁ ଆସୁଥିବା ଦେଶ ବିଦେଶର ହଜାର ହଜାର ମେଧାବି ଛାତ୍ରୀ ଖାଦ୍ୟ ଭଳି ଏକ ସାଧାରଣ ଓ ମୌଳିକ ଆବଶ୍ୟକତାକୁ ନେଇ ବର୍ଷ ବର୍ଷ ଧରି ଘାଣ୍ଟି ହେଉଛନ୍ତି। ଜାତୀୟ ସ୍ତରର ପ୍ରତିଷ୍ଠିତ ଏହି ଶିକ୍ଷାନିଷ୍ଠାନରେ ମେସ୍ ପରିଚାଳନା କ୍ଷେତ୍ରରେ ହେଉଥିବ । ବ୍ୟାପକ ହେରଲଫେରର ପୂର୍ଣ୍ଣଚ୍ଛେଦ କରିବାଲାଗି ରାଜ୍ୟ ସରକାର ହସ୍ତକ୍ଷେପ କରିବା ଉଚିତ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।



### ମିଳୁଛି ନିମ୍ନମାନର ଖାଦ୍ୟ

## ପାରାଦୀପ ଫିସିଙ୍ଗ ହାରବର ଉନ୍ନୟନ, ବନ୍ଦର ଓ ଆଇପିଆରସିଏଲ୍ ମଧ୍ୟରେ ବୁଝାମଣା ପତ୍ର ସାକ୍ଷରିତ

**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ପାରାଦୀପ ଫିସିଙ୍ଗ ହାରବର ଉନ୍ନୟନ ଓ ଆଧୁନିକୀକରଣ ପାଇଁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହାରନାଦ ଓ ଇଣ୍ଡିଆନ୍ ପୋର୍ଟ ରେଳ ଏବଂ ରୋପ୍ୱେ କର୍ପୋରେସନ ଲିମିଟେଡ୍( ଆଇପିଆରସିଏଲ୍)ର ପରିଚାଳନା ନିର୍ଦ୍ଦେଶକ ଅନିଲ କୁମାର ଗୁପ୍ତାଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର ଶୁକ୍ରବାର ଦିନ ସାକ୍ଷରିତ ହୋଇଛି । ପାରାଦୀପ ଫିସିଙ୍ଗ ହାରବର୍ର ନବୀକରଣ ଏବଂ ଆଧୁନିକୀକରଣ ପାଇଁ ୯୯.୭୫କୋଟି ଅର୍ଥ ବ୍ୟୟ ବରାଦ କରାଯାଇଛି। ମାଛଧରା ବନ୍ଦରରେ ମାଛ ଧରିବା, ବାଛିବା, ପ୍ୟାକ୍ କରିବା ଏବଂ ଟ୍ରକ୍ ରେ ବୋଝେଇ କରିବା ସହିତ ପରିସ୍କାର ପରିଛନ୍ନତା ଦୃଷ୍ଟିରୁ ବିଦ୍ୟମାନ ସୁବିଧା ଆର୍ନ୍ତଜ୍ୟାତୀୟ ସ୍ତରୀୟ ହେବ । ଏଥି ସହ ପିଏମ୍ଏମ୍ଏସ୍ୱାଇ ର ସେଣ୍ଟ୍ରାଲ ସେକ୍ଟର ସ୍କିମ୍ ଉପାଦାନ ଅଧିନରେ ଶତପ୍ରତିଶତ କେନ୍ଦ୍ରୀୟ ଆର୍ଥିକ ସହାୟତା ସହିତ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟର ସାଗରମେଳା ଅର୍ନ୍ତଗତ ୫୦ ପ୍ରତିଶତ ଅର୍ଥ ଓ ଅବଶିଷ୍ଟ ୫୦ ପ୍ରତିଶତ ଭାରତ ସରକାରଙ୍କ ମତ୍ସ୍ୟ ଓ ପଶୁପାଳନ ବିଭାଗ ପକ୍ଷରୁ ଅର୍ଥ ବ୍ୟୟ କରାଯିବ । ଏହି ଅର୍ଥ ପିଏମ୍ଏମ୍ଏସ୍ୱାଇ ଅନ୍ତର୍ଗତ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ କିସ୍ତି ଆକାରରେ ଦିଆଯିବ। ଫିସିଙ୍ଗ ହାରବରର ଆଧୁନିକୀକରଣ କାର୍ଯ୍ୟ ୧୮ ମାସ ମଧ୍ୟରେ ଶେଷ ହେବାର ଲକ୍ଷ୍ୟ ରଖାଯାଇଛି।



## ବିଶ୍ୱ ଜଳ ଦିବସ ପାଳିତ



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଳ ହିଁ ଜୀବନ। କେବଳ ବର୍ତ୍ତମାନ ପିଢି ନୁହେଁ ଆଗାମୀ ପିଢିକୁ ବଞ୍ଚି ରହିବା ପାଇଁ ଜଳର ଆବଶ୍ୟକତା ରହିଛି ବୋଲି ଆଜି ସ୍ଥାନୀୟ ସାନବଜାର ଠାରେ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ବିଶ୍ୱ ଜଳ ଦିବସ ପାଳନ ଅବସରରେ ଯୋଗ ଦେଇ ଆଲୋଚକମାନେ ଏହି ମତ ପୋଷଣ କରିଛନ୍ତି। ଏଥିରେ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଅଧକ୍ଷତା କରି ଜଳ ସଂରକ୍ଷଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଆଲୋଚକଭାବେ ଏରଞ୍ଚ କଲେଜର ପର୍ଯ୍ୟବେକ୍ଷକ ଅଶୋକ କୁମାର ରଥ ଚଳିତ ବର୍ଷର ବିଷୟବସ୍ତୁ 'ଭୂତଳ ଜଳ' ସମ୍ପର୍କରେ ଆଲୋଚନା କରିବା ସହ ଭୂତଳ ଜଳର ସ୍ୱଚ୍ଛତା ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଆଲୋଚକ ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଧରଣୀଧର ପ୍ରଧାନ ତାଙ୍କ ବକ୍ତବ୍ୟରେ ବୈଶ୍ୱିକ ଜଳ ସଙ୍କଟର ମୁକାବିଲା ପାଇଁ ସଚେତନତା ସୃଷ୍ଟି କରିବା ଓ ସ୍ୱଚ୍ଛ ଶୁଦ୍ଧ ଜଳ ସମସ୍ତଙ୍କୁ ଯୋଗାଇବା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ବିଜୟ ପ୍ରଧାନ, ଏସ୍ବିଆଇ ଲାଇଫ୍ର ପ୍ରତିନିଧି ବିଜୟ କୁମାର ଲେଙ୍କା ଓ ପ୍ରଦୀପ୍ତ ସାହାଣୀ ଆଲୋଚନାରେ ଅଂଶ ଗ୍ରହଣ କରି ଭୂତଳ ଜଳ ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବା ଉଚିତ୍ ବୋଲି ମତପ୍ରକାଶ କରିଥିଲେ। ଶେଷରେ ଧନେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ୬ମାସ ପୂରିଲା...

## ନିଆଳି ବ୍ଲକ୍ରେ ବଦମାସିଆ ଅଫିସରଙ୍କ ଯୋଗୁଁ ଟ୍ରାନ୍ସଫର୍ମର ମରାମତି ହୋଇପାରୁନି

**ନିଆଳି(ସଂପର୍କବାର୍ତ୍ତା):-** କୃଷି କ୍ଷେତ୍ରରେ ଉନ୍ନତି ପାଇଁ ସରକାର ପାଇଁ ଚାଲିଛନ୍ତି ପୁରସ୍କାର ହେଲେ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ। ଜଳସେଚନ ସୁବିଧା ନଥିବାରୁ ଏକର ଜମିରେ ପନିପରିବା ଫସଲ ନଷ୍ଟ ହେବାକୁ ବସିଲାଣି କଟକ ଜିଲ୍ଲା ନିଆଳି ବ୍ଲକ୍ ଏକବେରୁଆଁ ଜଳସେଚନ ସୁବିଧା ନଥିବାରୁ ଚାଷ ଜମିର ସ୍ଥିତି ଏଭଳି ରହିଛି। ଚାଷୀଙ୍କ ସୁବିଧା ପାଇଁ ନାଟ ଗାଁ ପଣ୍ଡାସାହିଠାରେ ଏକ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲା ମାତ୍ର ନିର୍ମାଣର ୬ମାସ ପରେ ବଜ୍ରାଘାତରେ ଟ୍ରାନ୍ସଫର୍ମର ପୋଡିଯିବା ପରଠାରୁ ଏହା ଅଚଳ ହୋଇପଡିଛି। ଫଳରେ ପ୍ରାୟ ୫୦ଏକର ଜମିରେ ଫସଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ପାଣି ଅଭାବର ଶଖିଲା ଗଛ ଫାଟି ଆଁ କରିଛି। କେବଳ ଏତିକି ନୁହେଁ ମାଟି ଲଙ୍କା ,କୋଟି , ଟମାଟୋ ସବୁ କିଆରି ଶୁଖିଲା ପଡିଛି। ପଂଚାୟାତର ଅଧରକାଂଶ ଲୋକେ ପ୍ରାୟତଃ କୃଷି ଉପରେ ନିର୍ଭରଶୀଳ ଦେବୀକନ୍ଦଳ ଦ୍ୱୀପାଂଚଳ ହୋଇଥିବାରୁ କେନାଲ ସୁବିଧା ମଧ ନାହିଁ।



## ପାରାଦ୍ୱୀପ:ଜେଏସ୍ଡବ୍ଲ୍ୟୁ ରେକର୍ଡ ଭାଙ୍ଗିଲା

**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ଏମଭି କେପ୍ ଭାଲେନ୍ସିଆ ଜାହାଜରେ ୧,୪୩.୭୬୦ ଟନ୍ର ଲୁହାପଥର ଲୋଡ୍ କରି ଜେଏସଡବ୍ଲ୍ୟୁ ପାରାଦୀପ ଟର୍ମିନାଲ ପ୍ରା.ଲି. (ଜେଏସ୍ଡବ୍ଲ୍ୟୁପିଟିପିଏଲ୍) ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି । ନିକଟରେ ଜେଏସ୍ଡବ୍ଲ୍ୟୁପିଟିପିଏଲ୍ ପାରାଦୀପ ପୋର୍ଟ ଟର୍ମିନାଲରେ 'ଏମ୍ଭି ଷ୍ଟାର ଲିରା' କେପ୍ ଭେସେଲ୍ରେ ୧,୪୧,୨୦୦ ଟନ୍ ଲୁହାପଥର ଲୋଡ କରିଥିଲା । କମ୍ପାନୀ ଅଧିକାରୀଙ୍କ ସୁଚନା ଅନୁସାରେ ୧,୪.୭୦୦ ଟନ୍ର କାର୍ଗୋକୁ ୩୫ ଘଣ୍ଟା ୩୫ ମିନିଟ୍ରେ ଲୋଡ କରାଯାଇଥିଲା । ସେଥିରୁ ୧,୦୦,୭୦୦ ଟନ୍ କାର୍ଗୋ ବୋଝେଇ ହେବା ପାଇଁ ୨୪ ଘଣ୍ଟା ଲାଗିଥିଲା । ଜେଏସ୍ଡବ୍ଲ୍ୟୁ ଷ୍ଟିଲ୍ ପକ୍ଷରୁ ଏହି କାର୍ଗୋ ପଠାଯାଇଛି । ପାରାଦୀପ ବନ୍ଦରରେ ଏହା ସର୍ବାଧିକ ଦୈନିକ ଲୋଡ୍ ହାର । ଏହି ସଫଳତା ପାରାଦୀପ ବନ୍ଦରଠାରେ ଜେଏସ୍ଡବ୍ଲ୍ୟୁପିଟିପିଏଲ୍ର ଉପଲବ୍ଧ ଭିତ୍ତିଭୂମିର କ୍ଷମତାକୁ ଦର୍ଶାଇଛି । ସାମଗ୍ରିକ ଲଜିଷ୍ଟିକ୍ ବା ବ୍ୟବସ୍ଥାଗତ ଖର୍ଚ୍ଚ କମ୍ କରିବାକୁ ଏହା ଗ୍ରାହକମାନଙ୍କୁ ଉପକୂଳରେ କେପ ଭେସେଲ ଅପରେଟ୍ ଏବଂ ସାମଗ୍ରୀ ରପ୍ତାନୀ ନିମନ୍ତେ ପ୍ରୋତ୍ସାହିତ କରିବ । ପାରାଦୀପ ଟର୍ମିନାଲ ସ୍ଥାପନ ହେବା ପରଠାରୁ ଜେଏସ୍ଡବ୍ଲ୍ୟୁ ଷ୍ଟିଲ ଲିମିଟେଡ୍ ଦ୍ୱାରା ପ୍ରାୟ ୧,୪.୨୦୦ ଟନ କାର୍ଗୋ ପଠାଯାଇଥିଲା । କିନ୍ତୁ ଏବେ କେବଳ ପୂର୍ବ ରେକର୍ଡ ଭାଙ୍ଗି ନାହିଁ ବରଂ ପାରାଦୀପ ବନ୍ଦରରେ ଗୋଟିଏ ଜାହାଜରେ ୧,୪୩,୭୬୦ ଟନ୍ ଲୁହାପଥର ଲୋଡ୍ ହୋଇପାରିଛି ।




## ଜଗତସିଂହପୁର ଓକିଲ ସଂଘ ଗୃହରେ ଇ-ଲାଇବ୍ରେରୀ ସ୍ଥାପନ




**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜିଲ୍ଲା ଓକିଲ ସଂଘ, ଜଗତସିଂହପୁରରେ ଇ-ଲାଇବ୍ରେରୀ ଉଦ୍ ଘାଟିତ ହୋଇଯାଇଛି । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡଃ ଜଷ୍ଟିସ୍ ଏସ୍.ମୁରଲୀଧର୍ ଭିଡିଓ କନଫରେନ୍ସିଙ୍ଗ୍ ଜରିଆରେ ଏହାକୁ ଉଦ୍ ଘାଟନ କରିଥିଲେ । ଏହି ଅବସରରେ ଜିଲ୍ଲା ଓକିଲ ସଂଘ ଗୃହରେ ଜଗତସିଂହପୁର ଜିଲ୍ଲା ଓ ଦୌରାଜଜ୍ ଅନୁପ କୁମାର ଚନ୍ଦନଙ୍କ ସହିତ ଜିଲ୍ଲା କୋର୍ଟ ର ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ଓକିଲ ସଂଘ ସଭାପତି ଗଗନ ଚନ୍ଦ୍ର ଦାଶ, ସଂପାଦକ ନରେଶ ଦାସ, କୋଷାଧ୍ୟକ୍ଷ ଦୁର୍ଯ୍ୟୋଧନ ରାଉତ ଓ ଆଇନଜୀବି ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ କୋର୍ଟ ମ୍ୟାନେଜର୍ ସେକ୍ ଇସ୍ତାକ୍ ଅଲ୍ଲୀ, ସିଷ୍ଟମ୍ ଅଫିସର୍ ଅପର୍ଣ୍ଣା ମହାରଣା ପ୍ରମୁଖ ପରିଚାଳନା କରିଥିଲେ । ପ୍ରକାଶ ଥାଉକି ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ପ୍ରତ୍ୟେକ ଜିଲ୍ଲା ଓକିଲ ସଂଘ ଗୃହରେ ଇ-ଲାଇବ୍ରେରୀ ସ୍ଥାପନ କରାଯାଉଅଛି।

## ବିଶ୍ୱ ଜଙ୍ଗଲ ଦିବସ ଓ ବିଶ୍ୱ ଜଳ ଦିବସ ପାଳିତ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ବ୍ଲକ ଅଧିନସ୍ଥ କଲିଓଦା ଉପ୍ରା ବିଦ୍ୟାଳୟରେ ବିଶ୍ୱ ଜଙ୍ଗଲ ଦିବସ ଓ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗୀତା ଏବଂ ସଚେତନତା କରାଯାଇଥିଲା। ବିଦ୍ୟାଳୟର ପ୍ରକୃତିବନ୍ଧୁ ପୁରସ୍କାର ପ୍ରାପ୍ତ କୃତି ପ୍ରଧାନଶିକ୍ଷକ ତୁଳସୀପ୍ରସାଦ ମହାପାତ୍ର ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଜଙ୍ଗଲ ସଂରକ୍ଷଣର ତାତ୍ପର୍ଯ୍ୟ ଓ ଭୂତଳ ଜଳର ସୁରକ୍ଷା ସଂପର୍କରେ ବୁଝାଇଥିଲେ। ପରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଅନିରୁଦ୍ଧ ଦାସ, ଶିକ୍ଷୟିତ୍ରୀ ସରସ୍ୱତୀ ପଣ୍ଡା, ଆଦ୍ୟାରଶ୍ମୀ ପଣ୍ଡା, ସ୍ମୃତିରେଖା ମହାପାତ୍ର, ପ୍ରଣୀତା ମହାପାତ୍ର ପରିଚାଳନା କରିଥିଲେ।




## ପାରାଦୀପ ବାର୍ ନିର୍ବାଚନ, ସମସ୍ତ ପ୍ରାର୍ଥୀ ର୍ନିଦ୍ୱନ୍ଦରେ ନିର୍ବାଚିତ

**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ପାରାଦୀପ ବାର୍ ଆସୋସିଏସନ୍ର ସମସ୍ତ ପଦବୀ ପାଇଁ ପ୍ରାର୍ଥୀମାନେ ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ଗୋରାଚାନ୍ଦ ସିଂ ସୂଚନା ଦେଇଛନ୍ତି । ସଭାପତି ଭାବେ ହେମନ୍ତ କୁମାର ସାହୁ, ଉପସଭାପତି(ପ୍ରଶାସନ) କୈଳାସ ଚନ୍ଦ୍ର ସାହୁ, ଉପସଭାପତି (ସଙ୍ଗଠନ) ବସନ୍ତ କୁମାର ବିଶ୍ୱାଳ,ସାଧାରଣ ସମ୍ପାଦକ-ତପନ କୁମାର ଦାଶ, ସମ୍ପାଦକ(ପ୍ରଶାସନ) ଗୋଲକ ବିହାରୀ ସୂତାର,ସମ୍ପାଦକ(ସଙ୍ଗଠନ)-ରବିନ୍ଦ୍ର କୁମାର ଜେନା, ସମ୍ପାଦକ(ଲାଇବ୍ରେରୀ)-ପ୍ରଶାନ୍ତ କୁମାର ଦାସ, କୋଷାଧ୍ୟକ୍ଷ ଗୋପିନାଥ ମଲ୍ଲ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ସୁଜିତ କୁମାର ମହାନ୍ତି, ପ୍ରମୋଦ କୁମାର ମିଶ୍ର, ସଂଜୟ କୁମାର ମିଶ୍ର, ସରୋଜ କୁମାର ନାଥ, ହେମନ୍ତ କୁମାର ପରିଡା ଓ ରବି ନାରାୟଣ ସ୍ୱାଇଁ ନିର୍ବାଚିତ ହୋଇଛନ୍ତି । ବିଜୟୀ ସଦସ୍ୟମାନଙ୍କୁ ପାରାଦୀପ ବାର୍ ଆସୋସିଏସନ୍ର ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା

ମାର୍ଚ୍ଚ ୨୮ ରୁ ଏପ୍ରିଲ୍ ୩, ୨୦୨୨, ଜଗତସିଂହପୁର
March 28 to April 3, 2022, Jagatsinghpur



# ସମ୍ପାଦକୀୟ

## ଦିଗ୍‌ଦର୍ଶନ

ଶ୍ରୀ ଶ୍ରୀ ଠାକୁର ପ୍ରାତଃରେ ବଡ଼ାଲ ବାଂଲାର ବାରଣ୍ଡାରେ ତକ୍ତପୋଷ ଉପରେ ବିଛଣାରେ ବସିଛନ୍ତି। ଆକାଶରେ ମେଘ ଅଛି। ଶ୍ରୀ ଶ୍ରୀ ଠାକୁର ଥରେ ସେଇ ଆଡ଼କୁ ଅନାଇ ଦେଖିଲେ। କେଷ୍ଟଦା ଆଉ ଛୋଟଦା ଆସିଲେ। ଶ୍ରୀ ଶ୍ରୀ ଠାକୁର ଖୁସି ମନରେ ସେମାନଙ୍କ ସହିତ କଥା କହିବାକୁ ଲାଗିଲେ।

କଥା ପ୍ରସଙ୍ଗରେ କହିଲେ - କାର୍ଯ୍ୟ କରିବା ବାଟରେ ଅନେକ ନିନ୍ଦା, ମନ୍ଦ, ସମାଲୋଚନା ଇତ୍ୟାଦି ଆସେ। ସେହି ଦିଗକୁ ଭୃକ୍ଷେପ କରିବା ଅନୁଚିତ। ଇଷ୍ଟପ୍ରତି ନିଷ୍ଠା ନେଇ କରଣୀୟ ଯାହା ନିଖୁଣ ଭାବେ କରି ଯିବାକୁ ହୁଏ ପରିବେଶର ସହିତ ଶୁଭ ସଙ୍ଗତି ନେଇ। ଆତ୍ମ ବିଶ୍ଳେଷଣ କରିବାକୁ ହୁଏ, ନିଜର ଭୁଲ ତ୍ରୁଟି ଯେଉଁ ଗୁଡିକ ଅଛି, ସେ ଗୁଡ଼ିକୁ କ୍ରମାଗତ ସୁଧାରି ଚାଲିବାକୁ ହୁଏ। କାହାରି ବି ଅହଂକୁ ଅଯଥା ଆଘାତ କରିବା ଉଚିତ ନୁହେଁ। ମଣିଷର ଦୋଷ ତ୍ରୁଟି ଦିନ କରେ ଯାଏନି, ସେ ସମ୍ବନ୍ଧରେ କଠୋର ହେବା ଠିକ ନୁହେଁ। ସହନ-ବହନ କରି ଭଲ ପାଇ ପ୍ରତ୍ୟେକଙ୍କୁ ଆତ୍ମ-ସଂଶୋଧନରେ ପ୍ରବୁଦ୍ଧ କରି ତୋଳିବାକୁ ହୁଏ। ତେବେ ନିଜ ପ୍ରତି କଠୋର ନିରୀଖ ଠିକ୍ ରଖି ଚଳିବାକୁ ହୁଏ। ଅମୁକ କଣ ଗୋଟେ କଥା କରିଲା, ତମୁକ ଜଣ ଗୋଟେ କଥା କରିଲା - ତାହାଦ୍ୱାରା ରଙ୍ଗିଳ ହେଲେ କାମ କରିବା ମୁସ୍କିଲ। ମୁଁ ସମସ୍ତଙ୍କର କଥା ଶୁଣେ, କିନ୍ତୁ କାହାରି ମଧ୍ୟ କଥାରେ ରଙ୍ଗିଳ ହୁଏ ନାହିଁ ବରଂ ଭୁଲ ଥିଲେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରେ। ଅପରର ସମ୍ବନ୍ଧରେ ଦୋଷ ଦୃଷ୍ଟି ରଖିବା ଭଲ ନୁହେଁ। ତହିଁରେ ଚଲାପଥରେ ଅଯଥା ଗୋଟେ ଅନ୍ତରାୟ ସୃଷ୍ଟ କରାହୁଏ। ନିଜର ବି ଲାଭ ହୁଏନି। ଅନ୍ୟର ମଧ୍ୟ ଭଲ ହୁଏନି। ଦୋଷ ଦୃଷ୍ଟି ଓ ନିନ୍ଦାର ପ୍ରବୃତ୍ତି ଗୋଟେ ବାସ୍ତବ ଅବଗୁଣ। ମୁଁ କୁହେ ଅନ୍ୟର ସମାଲୋଚନା ଦ୍ୱାରା କାମ କଣ ? ତୁମେ ନିଜ ଇଷ୍ଟଙ୍କ ପଥରେ ଅତୁଟ ହୋଇଚାଲ ଏବଂ ଅନ୍ୟକୁ ମଧ୍ୟ

ପ୍ରଫେସର ଡାକ୍ତର ମଞ୍ଜୁଶ୍ରୀ ନାୟକ
ବିଭାଗୀୟ ମୁଖ୍ୟ, ପିଆରଏମ୍ ମେଡ଼ିକାଲ କଲେଜ

ସେଇ ପଥରେ ଚାଲିବାକୁ ସାହାଯ୍ୟ କର। ତାହାଦ୍ୱାରା ହେବ ତୁମର କ୍ଷମତାର ବିଚାର। ପରିବେଶ ଯଦି ଖରାପ ବି ହୁଏ ସେଠାରେ ତୁମର କରଣୀୟ ହେଉଛି ନିଜର ଦୃଷ୍ଟାନ୍ତ ଦେଇ, ଚେଷ୍ଟା ଦେଇ, ଭଲ ପାଇବା ଦେଇ, ସେମାନଙ୍କୁ ନିୟନ୍ତ୍ରଣ କରି ତୋଳିବା। ଏହା କରିଲେ ହିଁ ମଣିଷ ସପରିବେଶ ଅଗ୍ରସର ହୋଇ ଉଠେ। ଶୁଣିଛି, ବୁଦ୍ଧଦେବଙ୍କୁ ସୁଜାତା ହାତରୁ କ୍ଷିରୀ ଖାଇବାର ଦେଖି ତାଙ୍କ ପାଞ୍ଚଜଣ ଶିଷ୍ୟ ତାଙ୍କ ଉପରେ ରାଗିଗଲେ। ସେମାନଙ୍କର ମନରେ ସନ୍ଦେହ ଆସିଲା ଏବଂ ସେମାନେ ତାଙ୍କୁ ଛାଡ଼ି ଚାଲିଗଲେ। ବୁଦ୍ଧଦେବଙ୍କୁ ଏତେ ଘନଷ୍ଠ ଭାବରେ ଜାଣିବା ସତ୍ତ୍ୱେମଧ୍ୟ ଯେଉଁମାନଙ୍କର ତାଙ୍କ ଉପରେ ସନ୍ଦେହ ଆସିଲା, ବୁଝି ଦେଖ, ସେମାନେ କିପରି ମେକ୍‌ଦାର (କୃତ୍ରିମ, ନକଲି) ଲୋକ। ବୁଦ୍ଧଦେବ କିନ୍ତୁ ଏହା ଦେଖି ନିରାଶ ହେଲେନି। ସେ ସାରନାଥ ଯାଇ ତାଙ୍କୁ ଧରିଲେ ଏବଂ ତାଙ୍କ ଆଡ଼କୁ ହିଁ ପ୍ରବୃଦ୍ଧ କରି ସେମାନଙ୍କ ଦ୍ୱାରା କେତେ କାମ କରାଇଲେ। ମଣିଷ ପଛରେ ଏହି ପ୍ରକାରରେ ଲାଗି ରହିବାକୁ ହୁଏ। ବଡ଼ଖୋକା ଆଉ ମଣିର ଏହି ପ୍ରକାରର ଗୁଣ ଅଛି। କାଜଲ ମଧ୍ୟ ବେଶ ପାରେ। ଜଣେ ଲୋକ ତାକୁ ଖୁବ୍ ଘୃଣା କରୁଥାଏ। ତାହା ସେ କେଉଁ ଭାବରେ ସହଜ ଜ୍ଞାନରେ ଯେପରି ବୁଝିଥିଲା; କିପରି ଭାବରେ ତା ସହିତ ମିଶୁଥିଲା, ତାକୁ ଆମ୍ବ ସହିତ ଏଇଟା ସେଇଟା ଖାଇବାକୁ ଦିଏ, ପାଚିଲା ବାଳ ଉପାଡି ଦିଏ। ସେ ଯେତେ ଆପ୍ୟାୟିତ କରୁଥାଏ, ସେ ସେତେ ଲଜ୍ଜା ଭୟରେ ସଂକୁଚିତ ହୋଇ ଯାଉଥାଏ। ଏହି ଭାବରେ ତାକୁ ଧୀରେ ଧୀରେ କବ୍‌ଜାରେ ଆଣି ପାରିଥିଲା।

ଏହାପରେ ଦେଶର ବର୍ତ୍ତମାନ ଅବସ୍ଥା ସମ୍ବନ୍ଧରେ କଥା ଉଠିଲା। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ପରମପିତାଙ୍କ ଇଛା ପୂରଣ ପାଇଁ ଯଦି ମଣିଷ ଅର୍ଥ ଓ ସମ୍ପଦ ବିପୁଳ ଭାବରେ ସଂହତ କରି ତୋଳିପାର ତେବେ ତା' ମାଧ୍ୟମରେ ସାରା ଦେଶକୁ ଏକ ଅଙ୍ଗ କରି ତୋଳିବା ଶକ୍ତ କଠିନ ହେବନି। ଗୋଟେ ଭାଗବତ ଐକ୍ୟବିଧାୟନୀ ମଞ୍ଚ ସୃଷ୍ଟି କରିବା ଛଡ଼ା ବାଟ ନାହିଁ। ଆପଣ ମାନଙ୍କର ଏଇ ଯେଉଁ ମଞ୍ଚ ଏଥିରେ କାହାରି ମଧ୍ୟ ସତ୍ତା ପୋଷଣୀ ସ୍ୱାର୍ଥ ଓ ବୈଶିଷ୍ଟ୍ୟ କ୍ଷୁର୍ଣ୍ଣ ହେବାର ନାହିଁ। ମଣିଷକୁ ମାରିବାକୁ ଶିଖାଇବା ବା ମରିବାକୁ ଶିଖାଇବାରେ ଲାଭ ନାହିଁ। ମଣିଷକୁ ଶିଖାଇବାକୁ ହେବ, ସେ ଯେପରି ବଞ୍ଚିପାରେ ଏବଂ ତାର ପରିପନ୍ଥୀ ଯାହା ତାକୁ ବୀରତ୍ୱର ସହିତ ପ୍ରତିରୋଧ କରିପାରେ। ଏହି ଜୀବନୀୟ ଶିକ୍ଷା ହିଁ ଧର୍ମ। ଧର୍ମର ବ୍ୟତ୍ୟୟ ଯେଉଁଠି ଯାହା ହୋଇଛି ତାହା ଅପସାରଣ କରି ପ୍ରକୃତ ଧର୍ମର ପ୍ରତିଷ୍ଠା କରିବାକୁ ହେବ ଏବଂ ତାହା ସବୁ ସମ୍ପ୍ରଦାୟ ମଧ୍ୟରେ, ସବୁ ଦେଶ ମଧ୍ୟରେ, ସବୁ ଜାତି ମଧ୍ୟରେ। ଆଗ ଭାରତ ଭିତରେ ଏହି ଜିନିଷଟାର ରୂପ ଦେବାକୁ ହେବ, ତାପରେ ସାରା ଜଗତରେ ତାହା ଖେଳାଇ ଦେବାକୁ ହେବ।

## ଭାଗବତ ଗାଦି ବଡ଼ଦାଣ୍ଡ ସେବାକାର୍ଯ୍ୟ

କଟକ ଧବଳେଶ୍ୱର ଗଡ଼ା ବ୍ରଜବିହାରୀପୁରସ୍ଥିତ ଆଜିକି ପାଞ୍ଚବର୍ଷ ହେଲା ପ୍ରତ୍ୟେହ ଭାଗବତ ପାଠ ଓ ସହସ୍ରାଧିକ ଲୋକମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହେଉଛି। ସ୍ୱର୍ଗତଃ ନାରାୟଣ ଓଝା ଓ ଚମ୍ପା ଓଝାଙ୍କ ଆଦର୍ଶରେ ଅନୁପ୍ରାଣୀତ ଆଧାତ୍ମିକ ବ୍ୟକ୍ତିତ୍ୱ ତ୍ରିନାଥ ଓଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବର୍ଷର ପ୍ରତି ପୂର୍ଣ୍ଣିମାରେ ଅସହାୟ, ବୁଢ଼ାବୁଢ଼ୀ ଓ ଛୋଟପିଲାଙ୍କ ପାଇଁ ମହାପ୍ରସାଦ ସେବନ ବ୍ୟବସ୍ଥା ଓ ଆଧାତ୍ମିକ ସେବାକାର୍ଯ୍ୟ ସମ୍ପାଦନ ହେଉଛି। ପ୍ରତିବର୍ଷ ଚାରଟି ପୂର୍ଣ୍ଣିମାରେ ଦୁଇହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ଖାଦ୍ୟ ଓ ମାଗଣା ଔଷଧ ପତ୍ର ବଣ୍ଟନ ହୁଏ। କାର୍ଯ୍ୟକ୍ରମକୁ ସମ୍ପାଦକ ଗଜେନ୍ଦ୍ର ନାୟକ, ମନୋଜ ବାବୁ, ସନ୍ତୋଷ ମିଶ୍ର, ଲୋଚନ ବାରିକ, ଦୀପକ ବାରିକ, ଟୁଲିଆ ସ୍ୱାଇଁ, ମନୋଜ ସାହୁ, ସନ୍ତୋଷ ମିଶ୍ର, ହେମାରାଣୀ ଓଝା ପ୍ରମୁଖ ପରିଚାଳନା କରିଥାନ୍ତି। ସରକାରଙ୍କ ବିନା ସହାୟତାରେ କିଛି ବଦାନ୍ୟ ବ୍ୟକ୍ତିତ୍ୱଙ୍କ ସହଯୋଗରେ ଏହା ଅନୁଷ୍ଠିତ ହୋଇଥାଏ। କାର୍ଯ୍ୟକ୍ରମ ପାଇଁ ଡାକ୍ତର ପ୍ରଫୁଲ୍ଲ କୁମାର ଦାସ, ସାମ୍ବାଦିକ ସୁଶାନ୍ତ କୁମାର ଭୂୟାଁ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ସହଯୋଗ ରଖୁଥିଲାବେଳେ ପ୍ରତି ମାସରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ରାଜ୍ୟ ବିକାଶ ଓ ପ୍ରଗତିରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ




ବାଦଲ ଭୂୟାଁ
ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ'
ଦୂରଭାଷ : ୭୪୮୮୯୯୮୫୩୨

ଓଡ଼ିଶା ସରକାର ରାଜ୍ୟରେ ଶିଳ୍ପ ବିକାଶ ଓ ପ୍ରଗତି ପାଇଁ ବିନା କେନ୍ଦ୍ରୀୟ ସହାୟତା ଦ୍ୱାରା ଅନେକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଆର୍ଥିକ ବର୍ଷ ୨୦୨୧-୨୨ରେ ମହାନଦୀ କୋଲଫିଲ୍ଡ ଲିମିଟେଡ ଦେଶର ସର୍ବାଧିକ କୋଇଲା ଉତ୍ପାଦନକାରୀ କମ୍ପାନୀ ଭାବେ ବିବେଚିତ ହୋଇଛି। ସୂଚନାଥାଉକି ଚଳିତ ମାସ ୧୨ ତାରିଖ ସୁଦ୍ଧା ଏମସିଏଲ ୧୫୭.୭ ନିୟୁତ ଟନ କୋଇଲା ଉତ୍ପାଦନ କରିଛି, ଯାହା ପୂର୍ବବର୍ଷ ତୁଳନାରେ ପ୍ରାୟ ୧୬% ଅଧିକ। ଏହା ସତ୍ତ୍ୱେ ଓଡ଼ିଶାରୁ ଉତ୍ପାଦିତ କୋଇଲାରୁ ରାଜ୍ୟର ଶିଳ୍ପ ସଂସ୍ଥାଗୁଡ଼ିକୁ କୋଇଲା ମିଳିବା ସମ୍ଭବ ହେଉନାହିଁ।

ଓଡ଼ିଶାରୁ କୋଇଲା ସାରା ଦେଶକୁ ରପ୍ତାନୀ ହେଉଛି। କେନ୍ଦ୍ର ସରକାରଙ୍କ ସୂଚନା ଅନୁସାରେ ରାଜ୍ୟରୁ ଉତ୍ପାଦିତ କୋଇଲାର ୫୪% ଅନ୍ୟ ରାଜ୍ୟର ତାପଜ ବିଦ୍ୟୁତ କେନ୍ଦ୍ର ଓ ଶିଳ୍ପ ସଂସ୍ଥାକୁ ଚାଲାଣ ହେଉଛି। ମାତ୍ର ରାଜ୍ୟର ଶିଳ୍ପ ସଂସ୍ଥାକୁ କୋଇଲା ଯୋଗାଇବା ପାଇଁ କୋଇଲା ମନ୍ତ୍ରଣାଳୟ ଓ ଏମସିଏଲ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଯାହାଫଳରେ ରାଜ୍ୟର ପାଞ୍ଚ ହଜାର କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ପଟେ ରାଜ୍ୟର କୋଇଲା ଭିତ୍ତିକ ଶିଳ୍ପାନୁଷ୍ଠାନଗୁଡ଼ିକ ନିଜ ହକ ପାଇବାରୁ ବଞ୍ଚିତ ହେଉଥିବାବେଳେ ଅନ୍ୟପଟରେ କୋଇଲା ବାବଦରେ ଓଡ଼ିଶାର ହକ ବାବଦ ରାଜସ୍ୱ ପ୍ରଦାନ କରିବାକୁ କେନ୍ଦ୍ର ଉଚିତ ମଣୁନାହିଁ। ୨୦୧୭ ମସିହାରୁ ରାଜ୍ୟ ସରକାର ନିଜର ହକ ମୁତାବକ କୋଇଲା ରୟାଲଟିରେ ସଂଶୋଧନ ସହ ବୃଦ୍ଧି କରିବାକୁ କେନ୍ଦ୍ର ନିକଟରେ ବାରମ୍ବାର ଦାବି କରୁ ଆସୁଛନ୍ତି। ମାତ୍ର କେନ୍ଦ୍ର ଏ ନେଇ କର୍ଣ୍ଣପାତ କରୁନଥିବା ବେଳେ ଓଲଟା ଓଡ଼ିଶା କୋଇଲାର ସିଂହଭାଗ ନେଇଯାଉଛି। ବିଡ଼ମ୍ବନା ହେଉଛି କୋଇଲାରୁ ସଂଗୃହୀତ ସେସରୁ ମଧ୍ୟ ଓଡ଼ିଶା ଟଙ୍କାଟିଏ ବି ଭାଗ ପାଉନାହିଁ। ଯାହାଫଳରେ ରାଜ୍ୟ ପ୍ରତିବର୍ଷ ପାଖାପାଖି ପାଞ୍ଚ ହଜାର କୋଟି ଟଙ୍କା କ୍ଷତି ସହୁଛି। ଉଭୟ ଦିଗରୁ ଓଡ଼ିଶା କ୍ଷତିଗ୍ରସ୍ତ ହେଉଥିବାବେଳେ ଅନ୍ୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଓଡ଼ିଶାର କୋଇଲାରୁ ନିଜ ଫାଇଦା ହାସଲ କରୁଛନ୍ତି। ଓଡ଼ିଶା ପ୍ରତି କେନ୍ଦ୍ରର ଏ ପ୍ରକାର ବୈମାତୃକ ମନୋଭାବ କେତେ ଦିନ ଚାଲିବ ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠିଲାଣି। ନିକଟରେ ଓଡ଼ିଶା ଆସେମ୍ବଲି ଅଫ ସ୍ମଲ ଏଣ୍ଡ ମିଡ଼ିୟମ ଏଣ୍ଟରପ୍ରାଇଜେସ ପକ୍ଷରୁ ରାଜ୍ୟରେ ଗୁରୁତର କୋଇଲା ସଙ୍କଟ ନେଇ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲା। ଏନେଇ ଚିଠିରେ ସେମାନେ ଦର୍ଶାଇଥିଲେ ଯେ ଦେଶର ମୋଟ କୋଇଲାର ୨୫ ଭାଗ ଓଡ଼ିଶାରେ ଗଚ୍ଛିତ ଥିବାବେଳେ ଏମଏସିଏଲରୁ ଉତ୍ପାଦିତ କୋଇଲାର ମୋଟ ୫୪ ପ୍ରତିଶତ ଅନ୍ୟ ରାଜ୍ୟକୁ ଯୋଗାଣ କରାଯାଉଛି। ମାତ୍ର ୪୬ ପ୍ରତିଶତ କୋଇଲା ରାଜ୍ୟର ସ୍ଥାନୀ ଶିଳ୍ପାନୁଷ୍ଠାନଗୁଡ଼ିକୁ ଯୋଗାଇ ଦିଆଯାଉଛି। ସ୍ଥାନୀୟ ସିପିପି (କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ) ପାଇଁ ୬୫ ପ୍ରତିଶତ କୋଇଲାର ଆବଶ୍ୟକତା ରହିଥିଲାବେଳେ ତାହା ସଠିକ ଭାବେ ଆପୂର୍ତ୍ତି ହୋଇପାରୁନାହିଁ। କୋଇଲାର ଏପରି ଗୁରୁତର ସଙ୍କଟ ରାଜ୍ୟର ଉତ୍ପାଦନ କ୍ଷେତ୍ରକୁ ଗୁରୁତର ଭାବେ ପ୍ରଭାବିତ କରୁଥିବାବେଳେ ଏମଏସଏମଇ ଗୁଡ଼ିକ ବନ୍ଦ ହେବା ପରିସ୍ଥିତିକୁ ଆସିଲାଣି। ଯଦି ପରିସ୍ଥିତିକୁ ସଠିକ ସମୟରେ ଆୟତ୍ତ କରାନଯାଏ ତାହେଲେ ରାଜ୍ୟର ପ୍ରାୟ ୫୦୦୦ କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପାନୁଷ୍ଠାନ ବନ୍ଦ ହୋଇଯିବାର ସମ୍ଭାବନା ରହିଛି। ତେଣୁ ପ୍ରଧାନମନ୍ତ୍ରୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଉଭୟ କୋଇଲା ଏବଂ କୋଲ ରେକର ଯେପରି ଶତ ପ୍ରତିଶତ ଯୋଗାଣ ହୋଇପାରିବ ସେ ନେଇ ଦୃଷ୍ଟି ଦେବାକୁ ଦାବି ଓଏଏସଏମଇ ପକ୍ଷରୁ ଅନୁରୋଧ କରାଯାଇଛି। ରାଜ୍ୟରେ ଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବା ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକୁ ସହାୟତା ପ୍ରଦାନ କରିବା ଲାଗି ରାଜ୍ୟ ଶିଳ୍ପ ଓ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବଡ଼ ଶିଳ୍ପ ସଂସ୍ଥାଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ଓଡ଼ିଶାରେ ବିଶେଷକରି ଯୁବବର୍ଗମାନେ ଏପରି କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ କର୍ମ ସଂସ୍ଥାନ ପାଇବେ ଏହାପାଇଁ ଦିବ୍ୟଶଙ୍କର ବାବୁ ଗୁରୁତ୍ୱ ଓ ଆନ୍ତରିକତା ରଖୁଛନ୍ତି। ଓଡ଼ିଶା ବିଜେଡ଼ିର ଜଣେ ପୋଷ୍ଟର ବୟ ଓ ଆଗଧାଡ଼ିର ନେତା ଭାବେ ତାଙ୍କର ଦଳ ପ୍ରତି ମଧ୍ୟ ଅନେକ ଅବଦାନ ରହିଛି। ଜଣେ ଦେଶ ମାତୃକାର ସେବାରେ ସେ କ୍ୟାପଟେନ ଭାବେ ଗୁରୁଦାୟିତ୍ୱ ନିର୍ବାହ କରିଥିଲେ। ପରବର୍ତ୍ତୀ ସମୟରେ ନିଜକୁ ବିଜେଡ଼ିରେ ସାମିଲ କରି ସେ ଓଡ଼ିଶାର ଶିଳ୍ପ ଭବିଷ୍ୟତକୁ ଆଗେଇବା ପାଇଁ ନବୀନ ବାବୁଙ୍କ ଆନ୍ତରିକ ଓ ଲୋକପ୍ରିୟ ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି।

ରାଜ୍ୟକୁ ଶିଳ୍ପ ସମୃଦ୍ଧ ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ରାଜ୍ୟରେ ପ୍ରତି ବର୍ଷ କୋଇଲା ଉତ୍ପାଦନରେ ରେକର୍ଡ଼ ପରେ ରେକର୍ଡ଼ ସୃଷ୍ଟି ହୋଇ ଚାଲିଛି। ମାତ୍ର ଦୁଃଖର ବିଷୟ ଏହିକି ଯେ ଆମ ରାଜ୍ୟର କୋଇଲା ଆମ ରାଜ୍ୟର ଶିଳ୍ପାନୁଷ୍ଠାନକୁ ମିଳିପାରୁନାହିଁ। ଆମେ ଭିକ ମାଗିଲା ପରି କୋଇଲା ପାଇଁ ଭିକଥାଳି ଧରି ବୁଲୁଛୁ। ଯାହାଫଳରେ ସ୍ଥାନୀୟ କୋଇଲା ଭିତ୍ତିକ ଶିଳ୍ପାନୁଷ୍ଠାନ ବନ୍ଦ ହେବାକୁ ବସିଲାଣି। ତେଣୁ ସରକାରଙ୍କୁ ଏତକ ଅନୁରୋଧ ରାଜ୍ୟର ଶିଳ୍ପାନୁଷ୍ଠାନଗୁଡ଼ିକ ପାଇଁ ବାର୍ଷିକ ଆବଶ୍ୟକତା ଅନୁଯାୟୀ ଏକ ବାର୍ଷିକ କୋଟା ନିର୍ଦ୍ଧାରଣ କରାଯାଉ। ତଦନୁଯାୟୀ କୋଇଲା ଅଗ୍ରାଧିକାର ଭିତ୍ତିରେ ରାଜ୍ୟକୁ ଯୋଗାଇ ଦିଆଯାଉ। ସେହିପରି କୋଇଲା ଦରକୁ ମଧ୍ୟ ନିୟନ୍ତ୍ରଣ କରିବାକୁ ସେ ଦାବି କରିଛନ୍ତି। ଅପରପକ୍ଷେ ତଥ୍ୟଭିତ୍ତିକ ମହଲ ଏପରି ଘଟଣାରେ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ରାଜ୍ୟର ଶିଳ୍ପାନୁଷ୍ଠାନଗୁଡ଼ିକୁ ନିରନ୍ତର କୋଇଲା ଯୋଗାଣ ନିଶ୍ଚିତ ସରକାର ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ଏକ ସେବକର ଦୃଷ୍ଟିରେ ସମାଧିର ତାତ୍ପର୍ଯ୍ୟ



ଅନୀତା ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ
ଦୂରଭାଷ : ୯୮୬୧୧୧୮୬୭୩

କେତେକ କଥା ଆପଣମାନେ ଜାଣିଥିବା ବେଳେ ଓ ତାହାକୁ ଲେଖନୀ ମୁନରେ ପ୍ରକାଶ କଲାବେଳେ ନିଜକୁ ଲଜ୍ୟା ବୋଧହୁଏ। ଯଥା ମାଲିକ ତାର ଲୋକମାନଙ୍କୁ ବଳପୂର୍ବକ କାମ କରାଏ। କିନ୍ତୁ ନେତା ତାର ଲୋକ ମାନଙ୍କୁ ପ୍ରେରଣା ଦିଏ ଓ ସେବକ ତାର ପ୍ରଭୁର ଆଜ୍ଞାକୁ ପାଳନ କରେ ଓ ନିଜର ଆଚରଣ ମାଧ୍ୟମରେ ପ୍ରଭୁଙ୍କର ଆଜ୍ଞାକୁ ପାଳନ କରିବାର ଦୃଷ୍ଟାନ୍ତ ସୃଷ୍ଟି କରେ।

ମାଲିକ ତାର ପ୍ରଭୁତ୍ୱ ଉପରେ ନିର୍ଭରଶୀଳ, ନେତା ତାର ହିତେଚ୍ଛା ଉପରେ ଓ ସେବକ ପ୍ରଭୁର ଦୟା ଉପରେ ନିର୍ଭରଶୀଳ। ମାଲିକ ଭୟ ସୃଷ୍ଟି କରେ। ନେତା ପ୍ରେମ ବିଚ୍ଛୁରିତ କରେ ଓ ସେବକ ପ୍ରେମକୁ ସ୍ୱାର୍ଥହୀନତା ବିଚାରି କାର୍ଯ୍ୟ କରେ। ମାଲିକ କହେ ମୁଁ, ନେତା କୁହେ ଆମେ, ସେବକ କହେ ମୁଁ ତୁମର ତୁମେ ମୋର। ମାଲିକ ଭୁଲ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରେ, ନେତା କେଉଁଠି ଭୁଲ ସୂଚାଇ ଦିଏ, ସେବକ କୌଣସି ଭୁଲ ଦେଖି ପାରେନା। ମାଲିକ ଲୋକମାନଙ୍କୁ ଗାଳି କଟୁକ୍ତି କରେ, ନେତା ଗାଳି ନଦେଇ ନିଜ କାର୍ଯ୍ୟ ପାଇଁ ବ୍ୟବହାର କରେ। ସେବକ ନିଜକୁ ଉଦାହରଣ ସଜାଇ ମାଲିକ ନିକଟରେ ସମର୍ପଣ କରେ। ମାଲିକ ଜାଣେ କିପରି କାର୍ଯ୍ୟ କରାଯାଏ। ନେତା କାର୍ଯ୍ୟ କରିବାର ରାସ୍ତା ଦେଖାଏ ଓ ସେବକ ପ୍ରଭୁଙ୍କ ପଥର ପଥିକ ବୋଲି କହିଥାଏ। ମାଲିକ ସମ୍ମାନଦାବୀ କରେ। ନେତା ସମ୍ମାନ ପାଇବାକୁ ଯୋଗ୍ୟ ବୋଲି ଦାବୀ କରେ। ସେବକ ମାନ, ଅପମାନ, ପ୍ରଶଂସା, ନିନ୍ଦାକୁ ସମାନ ଭାବେ ଗ୍ରହଣ କରେ। ମାଲିକ ଗୋଲାମୀ କରାଏ, ନେତା ସମସ୍ତଙ୍କୁ ଆମୋଦିତ କରାଏ ଓ ସେବକ ତାର ପ୍ରଭୁଙ୍କ ସେବାରେ ଆନନ୍ଦିତ କରାଏ।

ଉପରୋକ୍ତ ବର୍ଣ୍ଣିତ ସେହିପରି ଜଣେ ସେବକ ଗୋଟିଏ ଉପତ୍ୟକାରେ ବୁଲୁ ବୁଲୁ ଗୋଟିଏ ଚନ୍ଦନ ନାମଧାରୀ ଏକ କିଶୋର ତାଙ୍କ ଆଡ଼କୁ ଆକୃଷ୍ଟ ହୋଇ ଆସିଲା। ସେବକ ପ୍ରଭୁଙ୍କର ଗୁଣଗାନ କରୁଥିଲା। ଚନ୍ଦନ ସେବକକୁ ପଚାରିଲା ସତରେ କ'ଣ ଭଗବାନ ଧରାପୃଷ୍ଠରେ ଜନ୍ମ ନିଅନ୍ତି ଓ କାହିଁକି ? ସେବକଙ୍କ ମୁଖରୁ ଗୀତାର ଏକ ଶ୍ଳୋକ ନିର୍ଝରିତ ହେବାକୁ ଲାଗିଲା। 'ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ। ଅଭ୍ୟୁତ୍ତାନଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ।। ପରିତ୍ରାଣାୟ ସାଧୁନାଂ ବିନାଶାୟଚ ଦୁଷ୍କୃତାମ୍। ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ।।' ଏହାର ଅର୍ଥ ହେ ଭାରତ। ଯେଉଁ ଯେଉଁ ସମୟରେ ଧର୍ମର ଅବକ୍ଷୟ ହୁଏ ସେହି ସେହି ସମୟରେ ମୁଁ ନିଜର ରୂପ ସୃଷ୍ଟି କରିଥାଏ ଅର୍ଥାତ୍ ସାକାର ରୂପରେ ଲୋକମାନଙ୍କ ସମ୍ମୁଖରେ ପ୍ରକଟିତ ହୁଏ। ସାଧୁ ପୁରୁଷ ମାନଙ୍କୁ ଉଦ୍ଧାର କରିବା ପାଇଁ ପାପୀ ମାନଙ୍କୁ ବିନାଶ କରିବା ପାଇଁ ଏବଂ ଧର୍ମ ସଂସ୍ଥାପନ କରିବା ପାଇଁ ମୁଁ ଯୁଗେ ଯୁଗେ ପ୍ରକଟ ହୋଇଥାଏ।

ଚନ୍ଦନ ପଚାରିଲା ଯଦି ଭଗବାନ ଧର୍ମ ସଂସ୍ଥାପନ କରନ୍ତି ପ୍ରକୃତରେ କ'ଣ ସମସ୍ତେ ଧାର୍ମିକ ହୋଇଯାଆନ୍ତି। ସେବକ ଏହାର ଉତ୍ତର ଦେଇ କହିଥିଲେ ନା, ସେମାନଙ୍କର ସଂଖ୍ୟା ଖୁବ କମ ଓ ନଗଣ୍ୟ। ତେଣୁ ପ୍ରଭୁଙ୍କୁ ବାରମ୍ବାର ପୃଥିବୀକୁ ଜନ ସମାଜର ହିତ ନିମନ୍ତେ ଜନ୍ମ ନେବାକୁ ପଡ଼ିଥାଏ। ଚନ୍ଦନ ପୁଣି ପ୍ରଶ୍ନ କଲା ଯଦି ଭଗବାନ ବାରମ୍ବାର ଏ ଧରାପୃଷ୍ଠରେ ଜନ୍ମ ନେଉଛନ୍ତି ତେବେ ତାଙ୍କର ସମାଧି ଗୁଡ଼ିକ କ'ଣ ସୂଚନା ଦେଉଛି ? ଉଦାହରଣ ସ୍ୱରୂପ ଚନ୍ଦନ ସେବକଙ୍କୁ କହିଲା ଆପଣ ତ ଭଲକା ତୀର୍ଥ କ'ଣ ଜାଣିଥିବେ ସେବକ ଏହା କ'ଣ ବୋଲି ପଚାରିବାରୁ ଚନ୍ଦନ କହିଲା ଗୁଜୁରାଟର ପଶ୍ଚିମ ସାମୁଦ୍ରିକ ତଟରେ ଅବସ୍ଥିତ ସୌରାଷ୍ଟ୍ରର ଭୀରାଭଲ ଠାରେ ଏହା ଅବସ୍ଥିତ। ସେହିଠାରେ ଜରାଶବର କୃଷ୍ଣଙ୍କୁ ତୀରମାରି ହତ୍ୟା କରିଥିଲା। ସେଠାରେ ତାଙ୍କର ସମାଧି ମନ୍ଦିର ରହିଅଛି।

ସେହିପରି ଶିରିଡ଼ିର ବୁଟି ୱାଡା ଠାରେ ୧୫ ଅକ୍ଟୋବର ୧୯୧୮ ବିଜୟା ଦଶମୀ ଦିନ ଶିରିଡ଼ିର ସାଇବାବା ଦେହତ୍ୟାଗ କରିଥିଲେ ଓ ତାଙ୍କର ଏକ ସମାଧି ମନ୍ଦିର ସ୍ଥାପନ କରାଯାଇଛି। ସେହିପରି ଚନ୍ଦନ କହିଲା ସତ୍ୟସାଇ ବାବାଙ୍କର ସମାଧୀ ପୀଠ ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲାର ପୁଟ୍ଟପର୍ତ୍ତି ଗ୍ରାମରେ ୨୪.୦୪.୨୦୧୧ରେ ଦେହତ୍ୟାଗ କରିବା ପରେ ସର୍ବସାଧାରଣ ଭକ୍ତଙ୍କ ନିମନ୍ତେ ଖୋଲା ଯାଇଛି ଓ ସେ ସମାଧିପୀଠର ଅଗ୍ରଭାଗରେ ଲେଖାଯାଇଛି 'ସମସ୍ତଙ୍କୁ ଭଲ ପାଆ, ସମସ୍ତଙ୍କର ସେବା କର'। ହେ ମହାଶୟ ! ଏପରି ଅଗଣିତ ସମାଧିପୀଠ ଅନେକ ସାଧୁ ସନ୍ଥମାନଙ୍କର ମଧ୍ୟ ରହିଅଛି। ଏହା କ'ଣ ସୂଚନା ଦେଉଛି। ସେବକ କହିଲା ପ୍ରଭୁ ଦୟାମୟ ସେ ସମସ୍ତଙ୍କର ରୋଗ, ଦୁଃଖ, ଶୋକ ପ୍ରଭୃତିକୁ ହରଣ କରି ନିଅନ୍ତି। ନର୍ଦ୍ଦମାକ୍ତଜଳ ନଦୀରେ ମିଶି ଶେଷରେ ସମୁଦ୍ରରେ ମିଶୁଥିଲେ ମଧ୍ୟ ନଦୀ ଓ ସମୁଦ୍ରର କିଛି ଅଂଶ ଯେପରି ପ୍ରଦୂଷିତ ହେଉଥାଏ ସେହିପରି ଆମ୍ଭେମାନେ ବାରମ୍ବାର ଭୁଲକରି ମଧ୍ୟ ଯେତେବେଳେ ପ୍ରଭୁଙ୍କର ଶରଣାପତ ହେଉ ସମୁଦ୍ର ସ୍ୱରୂପ ଭଗବାନଙ୍କର ମାନବ ଶରୀର କିଛି ଅଂଶରେ ପ୍ରଭାବିତ ହୁଏ। ତା ଛଡ଼ା ସେ ମୃତ୍ୟୁର ଅଧୀନ ନୁହଁନ୍ତି। କୌଣସି ଅଭିଶାପ ଦ୍ୱାରା ମଧ୍ୟ କବଳିତ ନୁହଁନ୍ତି। କିନ୍ତୁ ତାଙ୍କର ସୃଷ୍ଟିର ନିୟମରେ ପରିର୍ତ୍ତନ ଅବଶ୍ୟମ୍ଭାବୀ। ସେ ସଂସାରରୂପକ ପଙ୍କରୁ ଆମକୁ ଉଦ୍ଧାର କରିବା ପାଇଁ ହାତଧରି ବାହାର କରି ଆଣିବା ପାଇଁ ଚେଷ୍ଟା କରନ୍ତି। ସ୍ୱଳ୍ପ କେତେକ ତାଙ୍କର ହାତ ଧରି ତାଙ୍କର ଉଦ୍ଧାର ପାଆନ୍ତି କିନ୍ତୁ କେତେକ ଷଡ଼ରିପୁ (କାମ, କ୍ରୋଧ, ଲୋକ, ମଦ, ମାତ୍ସାର୍ଯ୍ୟ) ଦ୍ୱାରା ପ୍ରଭାବିତ ହୋଇ ସେ ବଢ଼ାଇଥିବା ହାତକୁ ଧରନ୍ତି ନାହିଁ। ଏପରି ହୋଇଥାଏ ମଣିଷର ଗର୍ବ ପାଇଁ ଭଗବାନ ମଣିଷକୁ ଛାଡ଼ି କେଉଁ ଆଡ଼େ ଚାଲିଯାଆନ୍ତି ନାହିଁ। କାରଣ ସେ ଆମକୁ ପ୍ରେମ କରିବାକୁ ଓ ସମସ୍ତଙ୍କୁ ସେବା କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି। ତେଣୁ ସେ ସମସ୍ତଙ୍କ ପାଇଁ ଏହି ପୃଥିବୀରେ ସମାଧି ରୂପରେ ପ୍ରେମର ସ୍ୱରୂପ ଭାବରେ ଅବସ୍ଥାନ କରୁଥିଲେ, କରୁଛନ୍ତି ଓ ଭବିଷ୍ୟତରେ କରୁଥିବେ ମଧ୍ୟ।

# ରାମକଥା ରସ



ଡାକ୍ତର ଦିଲ୍ଲୀପ କୁମାର ମହାରଣା
ଶିଖରପୁର ଉପରସାହି, କଟକ,
ଦୂରଭାଷ : ୮୨୮୦୯୬୩୨୮୩

ରାମନାମ ସକଳ ଶାସ୍ତ୍ର ଓ ବେଦ ମାନଙ୍କର ସାରକଥା। ଏହା ମହୁଠାରୁ ଅଧିକ ମିଠା। ଲବଣୀ ଠାରୁ ଅଧିକ ସୁସ୍ୱାଦୁ ଓ କୋମଳ। ପ୍ରାର୍ଥନା କର ଯେ ଆମ ମାନଙ୍କ ମନ ସେ ନାମ ସହ ଦୃଢ଼ ଭାବରେ ଲାଖି ରହିଥାଉ ଏବେ ମଧ୍ୟ ଏହି ନାମ ଲକ୍ଷ ଲକ୍ଷ ଭାରତୀୟଙ୍କ ପାଇଁ ସକଳ ପ୍ରେରଣା ଓ ଶିକ୍ଷାର ଆଧାର ହୋଇ ରହିଛି। ଏହି ନାମ ହଜାର ହଜାର ବର୍ଷ ଧରି ଭାରତୀୟମାନଙ୍କ ହୃଦୟକୁ ପୁଲକ ଦେଇ ଆସିଛି। ବାଲ୍ମୀକି ରାମାୟଣର ବିଭିନ୍ନ ଖଣ୍ଡକୁ କାଣ୍ଡ ନାମ ଦେଇଛନ୍ତି। କାଣ୍ଡ ଶବ୍ଦର ଅର୍ଥ ହେଲା ସାଗର ଓ ଆଖୁଦଣ୍ଡ। ସାଗର ନାରାୟଣଙ୍କ ନାମ ସହ ସଂଯୁକ୍ତ, କାରଣ କ୍ଷୀର ସାଗର ହେଉଛି ନାରାୟଣଙ୍କ ଅଧିବାସ। ତେଣୁ ଈଶ୍ୱରଙ୍କ କଥା ସମ୍ପର୍କରେ କାଣ୍ଡ ନାମଟି ଏକାନ୍ତ ଉପଯୁକ୍ତ। ଆଖୁଦଣ୍ଡ ଅର୍ଥଟି ମଧ୍ୟ ଖୁବ ଯଥାର୍ଥ, କାରଣ ଦଣ୍ଡଟି ମୋଟା ହେଉ ବା ସରୁ ହେଉ ସଳଖ ହେଉ ବା ବଙ୍କା ହେଉ ଦଣ୍ଡଟି ସମାନ ଭାବେ ମିଠା, କାରଣ ଏହା ଭିତରେ ମଧୁରତା ଭର୍ତ୍ତି ହୋଇ ରହିଥାଏ। ସେହିପରି ରାମ କଥାର ଘଟଣାବଳୀ ଦୁଃଖପୂର୍ଣ୍ଣ ହେଉ ବା ଆନନ୍ଦଦାୟକ ହେଉ, ଭୀମ ହେଉ ବା କାନ୍ତ ହେଉ, ହାସ୍ୟପୂର୍ଣ୍ଣ ହେଉ ବା ଗମ୍ଭୀର ହେଉ, ସବୁଗୁଡ଼ିକ ମଧୁର, କାରଣ ଏ ସବୁ ଭିତରେ ରାମ ବିଦ୍ୟମାନ। ରାମ କଥାର ପ୍ରତ୍ୟେକ ତନ୍ତ୍ରୀର କରୁଣାରସ ପ୍ରବାହିତ। କାହାଣୀ ଯେତେ ବକ୍ର ହେଉ ପଛକେ ତା'ର ମଧୁରତା କେବେ ହେଲେ କମିଯାଏ ନାହିଁ।

ଋଷିମାନେ ଜାଣିଥିଲେ ରାମ, ବିଷ୍ଣୁଙ୍କର ଅବତାର। ସେ ଆସିଛନ୍ତି ସେମାନଙ୍କ ସହ ସାରା ମଣିଷ ଜାତିକୁ ଉଦ୍ଧାର କରିବା ନିମନ୍ତେ। ତଥାପି ସେମାନେ ତାଙ୍କୁ ଜଣେ ଆଦର୍ଶ ମନୁଷ୍ୟ ରୂପେ ଚିତ୍ରଣ କରିଥିଲେ। ସେମାନେ ରାମଙ୍କର ଦିବ୍ୟ ସ୍ୱଭାବକୁ ଗୋପନ ରଖି ତାଙ୍କ ଆଦର୍ଶ ମାନବତ୍ୱକୁ ପ୍ରକଟ କରିଥିଲେ; ମାନବ ସମାଜ ଆଗରେ ତାଙ୍କୁ ଆଦର୍ଶ କରି ଦେଖାଇବାକୁ। ରାମ ଯେଉଁ ସବୁ ଅରଣ୍ୟ ଦେଇ ଯାଇଥିଲେ ସେଠାରେ ରହୁଥିବା ପ୍ରତ୍ୟେକ ଋଷି ଜାଣିଥିଲେ ରାମ ଜଣେ ଅବତାର। ତଥାପି ସେମାନେ ତାହା ପ୍ରକଟ କରୁନଥିଲେ କାରଣ ଏ ଅବତାରଙ୍କ ଲକ୍ଷ୍ୟ ଥିଲା ରାକ୍ଷସ ବିନାଶ। ସେମାନଙ୍କ ମଧ୍ୟରୁ ଶରଭଙ୍ଗ ନାମକ ଜଣେ ଋଷିଙ୍କୁ ଇନ୍ଦ୍ର ସ୍ୱର୍ଗକୁ ଯିବାପାଇଁ ଆମନ୍ତ୍ରଣ କରିଥିଲେ ମଧ୍ୟ ସେ ତାହା ଗ୍ରହଣ କରିନଥିଲେ, କାରଣ ଶରଭଙ୍ଗ କୌଣସି କାରଣରୁ ରାମ ଦର୍ଶନରୁ ବଞ୍ଚିତ ହେବାକୁ ଚାହୁଁ ନଥିଲେ। ରାମ ମଧ୍ୟ ଲୋକଙ୍କୁ ଭୁଲାଇ ନିଜକୁ ଜଣେ ସାଧାରଣ ମଣିଷ ବୋଲି ବିଶ୍ୱାସଜାତ କରାଉଥିଲେ। କେବଳ ମୁନିଋଷି ନୁହେଁ, ମାତାମାନେ ମଧ୍ୟ ଜାଣିଥିଲେ ଯେ ରାମଙ୍କ ଜନ୍ମ ଦିବ୍ୟ ଜନ୍ମ, ମାତ୍ର କୌଣସି ଅବୋଧ୍ୟ ଶକ୍ତିର ପ୍ରଭାବ ଯୋଗୁଁ ସେମାନେ ମଧ୍ୟ ଏହା ପ୍ରକଟ କରୁନଥିଲେ। ଅବତାର ଯେଉଁ ବ୍ରତ ଘେନି ଆସିଥିଲେ ତାହା ପୂରଣ କରିବା ନିମନ୍ତେ ତାଙ୍କର ବନଗମନ ଏକାନ୍ତ ଆବଶ୍ୟକ ଥିଲା। ତେଣୁ ଅନ୍ୟ ରାଣୀମାନଙ୍କ ଠାରୁ ରାମଙ୍କୁ ଅଧିକ ସ୍ନେହ କରୁଥିବା କୈକେୟୀଙ୍କୁ ଜଣେ ନିଷ୍ଠୁର ବିମାତାର ଭୂମିକା ନେବାକୁ ପଡ଼ିଲା।

ବିଶ୍ୱାମିତ୍ର ଯେତେବେଳେ ନିଜର ବୈଦିକ ଯଜ୍ଞ ନିର୍ବିଘ୍ନରେ ସଂପନ୍ନ କରିବା ପାଇଁ ରାମ ଓ ଲକ୍ଷ୍ମଣଙ୍କୁ ନେବାକୁ ଦଶରଥଙ୍କ ଦରବାରକୁ ଆସିଲେ, ସେତେବେଳେ ବଶିଷ୍ଠ ଓ ସେ ଏକାନ୍ତରେ ବସି ରାମଙ୍କ ଦୈବୀ ସତ୍ତା ବିଷୟରେ ଆଲୋଚନା କରିଥିଲେ। ସେ ଉଭୟେ ସ୍ୱୀକାର କରିଥିଲେ ଯେ ରାକ୍ଷାସ ମାନଙ୍କୁ ନିଧନ କରିବାକୁ ଆସିଥିବା ରାମ ସ୍ୱୟଂ ଯଜୁର୍ବେଦ। ରାମଙ୍କର ବଳ ଓ କରୁଣାର ସାକ୍ଷୀ ଓ ଏହାକୁ ଅଧିକ ମହିମାନ୍ୱିତ କରିବାକୁ ଋକ୍‌ବେଦ ହିଁ ଲକ୍ଷ୍ମଣ ରୂପେ ଆବିର୍ଭୁତ। ରାମଙ୍କ ମହିମାର ଭାଟ ଭରତ ଥିଲେ ସାମବେଦ, ଆଉ ଅନ୍ତର୍ଜଗତରେ ଅଯୋଧ୍ୟା ବାହାରେ ଥିବା ଶତ୍ରୁମାନଙ୍କ ସହ ନିୟତ ଯୁଦ୍ଧରତ ଶତ୍ରୁଘ୍ନ ଅଥର୍ବ ବେଦର ପ୍ରତୀକ। ରାମାୟଣ ପାଠ କଲାବେଳେ ଏହାର କରୁଣା ଓ ପ୍ରେମରସ ହିଁ ଆସ୍ୱାଦନ କରି ଅନ୍ୟ ସବୁକୁ ଅନାବଶ୍ୟକ ଭାବେ ବର୍ଜନ କରିବା ଉଚିତ। ଆମ୍ବ ଖାଇଲା ପରି ତୁମେ ଚୋପା ଓ ଟାକୁଆକୁ ଫିଙ୍ଗି ଦିଅ ନାହିଁକି ? ଚୋପା ଓ ଟାକୁଆ ମଧ୍ୟ ଆମ୍ବର ଅନ୍ତର୍ଗତ ଓ ସେଥିପାଇଁ ମଧ୍ୟ ଆମକୁ ପଇସା ଦେବାକୁ ପଡ଼ିଥାଏ ବୋଲି ଆମେ ଏଗୁଡ଼ିକୁ ଗିଳି ପକାଉ କି ? ମହୁମାଛିର ସମ୍ପର୍କ ଫୁଲର ମହୁସହ। ଫୁଲର ରଙ୍ଗ, ସୁଗନ୍ଧ, ଆକାର ସହ ଏହାର କୌଣସି ସମ୍ବନ୍ଧ ନଥାଏ।

ଅଗସ୍ତ୍ୟ ପରାମର୍ଶ ଦେଇଥିଲେ ରାମ ପଞ୍ଚବଟୀରେ ହିଁ ତାଙ୍କର ପର୍ଣ୍ଣଶାଳା ନିର୍ମାଣ କରନ୍ତୁ। କାରଣ ସେ ଜାଣିଥିଲେ ରାବଣ ଯେଉଁ କୌଶଳ କରିବ ସେଥିପାଇଁ ପଞ୍ଚବଟୀ ହିଁ ସର୍ବୋତ୍ତମ ସୁଯୋଗ ସୃଷ୍ଟି କରିବ। ପଞ୍ଚବଟୀ ଅଗସ୍ତ୍ୟଙ୍କ ଆଶ୍ରମରୁ ମାତ୍ର ୧୬ ମାଇଲ ଦୂର ଥିଲା ତଥାପି ଋଷି ଅଗସ୍ତ୍ୟ ସେଥିପାଇଁ ଚିନ୍ତିତ ନଥିଲେ। ସେ ସଂସାରକୁ ରାକ୍ଷସ ମାନଙ୍କ କବଳରୁ ଉଦ୍ଧାର କରିବାକୁ ଚାହୁଁଥିଲେ। ବିଶ୍ୱାମିତ୍ରଙ୍କ ଗହଣରେ ବଣରେ ବୁଲୁଥିବା ବେଳେ ରାମ କିଶୋର ହେଲେ ବି ତିନିଜଣ ନାରୀକୁ ଭେଟିଥିଲେ। ପ୍ରଥମ ନାରୀକୁ ସେ ବଧ କରିଥିଲେ, ଦ୍ୱିତୀୟ ନାରୀକୁ ସେ ଉପଦେଶ ଓ ତିରସ୍କାର ଦେଇଥିଲେ ଓ ତୃତୀୟଙ୍କୁ ତାଙ୍କର ଅଙ୍କ ଲକ୍ଷ୍ମୀ କରିଥିଲେ। ପ୍ରଥମଟି ରାକ୍ଷସୀ ତଡକା, ତମୋଗୁଣର ପ୍ରତୀକ, ଦ୍ୱିତୀୟ ରଜୋଗୁଣର ପ୍ରତୀକ, ଅହଲ୍ୟା ଓ ତୃତୀୟ ଥିଲେ ସତ୍ୱଗୁଣମୟୀ ସୀତା, ଯାହାଙ୍କୁ ସେ ନିଜ ଅବତାରତ୍ୱର ସାଥୀକରି ନେଇଥିଲେ। ସେ ଭଲ ଭାବରେ ଜାଣିଥିଲେ ଯେ କାହାକୁ ବଧ କରିବାକୁ ହେବ, କାହାକୁ ସତମାର୍ଗରେ ସ୍ଥାପନ କରିବାକୁ ହେବ। ସ୍ୱଭାବରେ ନିହିତ ଥିବା ଗୁଣକୁ ହିଁ ସେ ଦେଖୁଥିଲେ। ସେହିପରି ସେ ତିନିଗୁଣର ପ୍ରତୀକ ତିନି ବନ୍ଧୁଙ୍କୁ ଗ୍ରହଣ କରିଥିଲେ। ସତ୍ତ୍ୱଗୁଣର ପ୍ରତୀକ ଥିଲା ବାଳୀ ଯିଏ ତାଙ୍କ ହାତରେ ମରିବାକୁ ଚାହିଁଥିଲା। ସୁଗ୍ରୀବ ରାମଙ୍କୁ ସାହାଯ୍ୟ ପ୍ରାର୍ଥନା କରିଥିଲା ଓ ସାହାଯ୍ୟ କରି ମିତ୍ର ହୋଇଥିଲା। ରାବଣ ସହ ମରିବା ପର୍ଯ୍ୟନ୍ତ ଯୁଦ୍ଧ କରିଥିବା ଜଟାୟୁ ରାମଙ୍କର ରାଜସିକ ମିତ୍ର, ଆଉ ଧିବର ରାଜା ଗୁହକ ଥିଲା ରାମଙ୍କର ତାମସିକ ମିତ୍ର। ରାମକଥା ରସ ଆମ ସମସ୍ତଙ୍କ ଆଧ୍ୟାତ୍ମିକ ଜୀବନକୁ ଅମୃତ ଚିନ୍ତନ ପ୍ରଦାନ କରୁ ଏହା ହିଁ କାମନା।

# ଓକିଲଙ୍କ ବିୟୋଗରେ ଶୋକ



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର କୋର୍ଟ ରେ କାର୍ଯ୍ୟରତ ଆଇନଜୀବି ପଳାଶୋଳ ଗ୍ରାମର ହେମନ୍ତ କୁମାର ବାରିକଙ୍କ ଗତକାଲି ରାତିରେ ପରଲୋକ ହୋଇଯାଇଛି । ସେ ଦୀର୍ଘ ଦିନ ଧରି କିଡନୀ ଜନିତ ରୋଗରେ ପିଡିତ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୫୦ ବର୍ଷ ବୟସ ହୋଇଥିଲା । ତାଙ୍କ ବିୟୋଗରେ ଆଜି ଜଗତସିଂହପୁର ଜିଲ୍ଲା ଓକିଲ ସଂଘ ପକ୍ଷରୁ ଦିନିକିଆ କାର୍ଯ୍ୟବନ୍ଦ ହୋଇଥିଲା । ଏହି ଅବସରରେ ଆୟୋଜିତ ଶୋକସଭାରେ ସଂଘର ସଭାପତି ଗଗନ ଚନ୍ଦ୍ର ଦାଶ ସଭାପତିତ୍ୱ କରିଥିଲାବେଳେ ବରିଷ୍ଠ ଆଇନଜୀବି ରବିନ୍ଦ୍ରନାଥ ମହାନ୍ତି,ଗୋରାଚାନ୍ଦ୍ କାନୁନଗୋ, ବିଳାସ ଚନ୍ଦ୍ର ଲେଙ୍କା, ଶ୍ରୀକାନ୍ତ ନନ୍ଦ,ଘନଶ୍ୟାମ ଶତପଥି, ପ୍ରମୋଦ କୁମାର ସ୍ୱାଇଁ, ଯୁଧିଷ୍ଠିର ମିଶ୍ର, ସୁବ୍ରତ ଶତପଥୀ, ରବିନ୍ଦ୍ର କୁମାର ସ୍ୱାଇଁ,ରାଜକିଶୋର ବେହେରା, ପ୍ରଶାନ୍ତ କୁମାର ସ୍ୱାଇଁ,ମହେଶ୍ ଚନ୍ଦ୍ର ମହାନ୍ତି,ବୀରନାରାୟଣ ପାତ୍ର ପ୍ରମୁଖ ସ୍ୱର୍ଗତ ଆତ୍ମାର ସଦ୍ ଗତି କାମନା କରିଥିଲେ । ସଂପାଦକ ନରେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବି ନାରାୟଣ ମହାନ୍ତି, ଚନ୍ଦ୍ର ଶେଖର ନାୟକ, ପ୍ରସନ୍ନ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ଜ୍ଞାନରଞ୍ଜନ ମହାନ୍ତି, ପ୍ରକାଶ ଚନ୍ଦ୍ର ରାୟ, ତନ୍ମୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦ୍ ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ତିର୍ତ୍ତୋଲ ବାର୍ ରେ ମଧ୍ୟ ଶୋକସଭା କରାଯାଇ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇଥିଲା ।

# ସାମ୍ବାଦିକ ଅଜୟଙ୍କ ବିୟୋଗରେ ସ୍ମୃତି ସଭା



**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଅଜୟ ଜେନା ଥିଲେ ଜିଲ୍ଲାର ଜଣେ ଆଦର୍ଶ, ପରୋପକାରି ସାମ୍ବାଦିକ ବୋଲି ଆଜି ରଘୁନାଥପୁର ପ୍ରେସ କ୍ଲବ ସଭାଗୃହରେ ଅନୁଷ୍ଠିତ ସ୍ମୃତିସଭାରେ ଜିଲ୍ଲା ସାମ୍ବାଦିକ ୟୁନିୟନ ସଭାପତି ଶୁଭଙ୍କର ଜେନା ଯୋଗଦେଇ ଏହା କହିଥିଲେ । ଏଥିରେ ରଘୁନାଥପୁର ପ୍ରେସ କ୍ଲବ ସଭାପତି ବିଜୟ କୁମାର ସ୍ୱାଇଁ ପୌରହିତ୍ୟ କରି ସ୍ୱର୍ଗତଃ ଜେନା ଜିଲ୍ଲା ସାମ୍ବାଦିକ ମାନଙ୍କ ମଧ୍ୟରେ ଥିଲେ ପିତାମହ ଭୀଷ୍ମ ବୋଲି କହିଥିଲେ । ଏଥିରେ ରଂଜନ କୁମାର ଲେଙ୍କା, ସରିତ୍ ମହାପାତ୍ର, ଆଇନଜୀବି ଅନିଲ କୁମାର ମହାପାତ୍ର, ଧନଞ୍ଜୟ ମଲ୍ଲିକ, ମନୋଜ କୁମାର ସାହୁ, ସୁଶାନ୍ତ କୁମାର ରାଉତ, ଜ୍ୟୋତିରଂଜନ ପଟ୍ଟନାୟକ, ଉମାକାନ୍ତ ଦାସ, ତପନ କୁମାର ସ୍ୱାଇଁ, ଜିତେନ କୁମାର ବେହେରା, ଦିପ୍ତୀରଂଜନ କାନୁନଗୋ, ଉମାକାନ୍ତ ପାତ୍ର, ଜିଲ୍ଲା ସାମ୍ବାଦିକ ୟୁନିୟନ ସମ୍ପାଦକ ଜ୍ୟୋତିରଂଜନ ପରିଡା, ସାମ୍ବାଦିକ ପ୍ରଭାତ କୁମାର ମହାନ୍ତି, ପ୍ରତାପ କୁମାର ସିଂହ, ଆର୍ତତ୍ରାଣ ପତି, ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ଜେନାଙ୍କର କର୍ମମୟ ଜୀବନ ଉପରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ୯ ଜେନାଙ୍କର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା ।

# ଗାଦିବ୍ରହ୍ମ ଓମେନସ୍ କଲେଜରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ




**ଜଗତସିଂହପୁର(ସଂପର୍କବାର୍ତ୍ତା):-**ଜଗତସିଂହପୁର ବ୍ଲକ ଅଧିନସ୍ଥ କାଦୁଅପଡା ଠାରେ ଥିବା ଗାଦିବ୍ରହ୍ମ ଓମେନସ୍ କଲେଜରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗାଦିବ୍ରହ୍ମ ଓମେନସ୍ କଲେଜର ରେଡରିବନ କ୍ଲବ ଚେୟାରମ୍ୟାନ ତଥା କଲେଜର ଅଧକ୍ଷା ଡକ୍ଟର ସସ୍ମିତା ମହାନ୍ତି,ରେଡରିବନକ୍ଲବ ତଥା ଯୁବ ରେଡକ୍ରସ କାଉନ୍‌ସିଲର ଡକ୍ଟର ଉର୍ମିଳା ମହାରଣା ଓ ରେଡରିବନ କ୍ରଲବର ପ୍ରତିନିଧିମାନେ ମହାବିଦ୍ୟାଳୟର +୩କଳା ଓ ବିଜ୍ଞାନ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଫେଇ ,ପରିଷ୍କାର ପରିଚ୍ଛନ୍ନତା କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ /ଅଧ୍ୟାପିକା ଓ କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ହଟିଲା ମହାମାରୀ ଆଇନ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କରୋନା ମହାମାରୀ ହେତୁ କେନ୍ଦ୍ର ସରକାର ଦେଶରେ ଲାଗୁ କରିଥିବା ବିପର୍ଯ୍ୟୟ ପରିଚାଳନା ଆଇନ ହଟାଇ ଦେଇଛନ୍ତି । ।ମାର୍ଚ୍ଚ କରୋନା ମହାମାରୀ ହେତୁ କେନ୍ଦ୍ର ସରକାର ଦେଶରେ ବିପର୍ଯ୍ୟୟ ପରିଚାଳନା ଆଇନ ଲାଗୁ କରିଥିଲେ କିନ୍ତୁ ବର୍ତ୍ତମାନ କରୋନା ମାମଲା ଯଥେଷ୍ଟ ହ୍ରାସ ପାଇଛି, ଏହା ପରେ ଗୃହ ମନ୍ତ୍ରଣାଳୟର ଜାତୀୟ ବିପର୍ଯ୍ୟୟ ପରିଚାଳନା ଏହି କାର୍ଯ୍ୟକୁ ହଟାଇବାକୁ ପରାମର୍ଶ ଦେଇଛି ।
କେନ୍ଦ୍ର ଗୃହ ସଚିବ ସମସ୍ତ ପ୍ରଶାସକଙ୍କୁ ପତ୍ର ଲେଖି କୋଭିଡି ଧାରଣ ପଦକ୍ଷେପ ପାଇଁ ବିପର୍ଯ୍ୟୟ ପରିଚାଳନା ଅଧିନିୟମ ଅନୁଯାୟୀ ନିର୍ଦ୍ଦେଶାବଳୀକୁ




ଉପଯୁକ୍ତ ଭାବେ ବନ୍ଦ କରିବାକୁ ବିଚାର କରିବାକୁ ପରାମର୍ଶ ଦେଇଛନ୍ତି । ଏହି ସହିତ ଏକ ପରାମର୍ଶଦାତା ମଧ୍ୟ ଜାରି କରାଯାଇଛି ।ଯେଉଁଥିରେ କୁହାଯାଇଛି ଯେ ଫେସ୍ ମାସ୍କ ପିନ୍ଧିବା ଜାରି ରହିବା ଆପଣହଙ୍କୁ କହି ରଖୁଛୁ ୨୦୨୦ରେ ଦେଶରେ ବିପର୍ଯ୍ୟୟ ପରିଚାଳନା ଆଇନ କାର୍ଯ୍ୟକାରୀ କରାଯାଇଥିଲା

# ଜଗତସିଂହପୁରରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ଓ.ପି.ଡି ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି । ଏହି ଦିବସରେ ଅଧକ୍ଷତା କରି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ।ଧିକାରୀ ଡା.କ୍ଷେତ୍ରବାସୀ ଦାସ କହିଲେ ବିଶ୍ୱ ଯକ୍ଷ୍ମା ଦିବସ ପାଳନର ଉଦ୍ଦେଶ୍ୟ ହେଉଛି ଟି.ବି. ମୁକ୍ତ କରାଇବା । ନିଜ ନିଜ କର୍ମ ପରିସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ,ସିଏଚସି,ପିଏଚସି,ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ସମସ୍ତେ ଯତ୍ନବାନ ହେବା । ୧୮୮୨ମସିହା ଆଜିର ଦିନରେ ମହାନାୟକ ଡକ୍ଟର ରବର୍ଟ କକ୍,ଜର୍ମାନୀର ବିଶିଷ୍ଟ ବୈଜ୍ଞାନିକ ଓ ଦାର୍ଶନିକ ଯକ୍ଷ୍ମା ଜୀବାଣୁର ଆବିଷ୍କାର କରିଥିଲେ । ତାଙ୍କୁ ଓ ଏହି ଦିନଟିକୁ ମନେପକେଇବା ପାଇଁ ୧୯୯୫ ମସିହା ଠାରୁ ସାରାବିଶ୍ୱରେ ପ୍ରତିବର୍ଷ ମାର୍ଚ୍ଚ ୨୪ତାରିଖକୁ ବିଶ୍ୱଯକ୍ଷ୍ମା ଦିବସ ରୂପେ ପାଳନ କରିଆସୁଛି । ସେହିପରି ଆମଦେଶ ରେ ୧୯୯୭ମସିହା ଠାରୁ ପାଳନ କରାଯାଉଛି । ଏ ବର୍ଷର ବାର୍ତ୍ତା ହେଉଛିଯକ୍ଷ୍ମା ରୋଗର ନିରାକରଣ ପାଇଁ ସହଯୋଗ କରନ୍ତୁ,ଅମୁଲ୍ୟ ଜୀବନକୁ ରକ୍ଷା କରନ୍ତୁ । ଏହାର ଉଦ୍ଦେଶ୍ୟ ହେଉଛି ଯେହେତୁ ଯକ୍ଷ୍ମା ରୋଗ ଏବେ ବିଶ୍ୱ ମହାମାରୀ ରୂପେ ବିବେଚନା କରାଯାଉଛି । ତେଣୁ ଏହି ରୋଗ ବିଷୟରେ ଲୋକମାନଙ୍କୁ ସଚେତନ କରାଇବା ସହିତ ଯକ୍ଷ୍ମା ନିରାକରଣ ପାଇଁ ସମ୍ମିଳିତ ଉଦ୍ୟମ କରିବା । ଏହି ଦିବସରେ ଯୋଗଦେଇ ଡିପିସି ଜିଲ୍ଲା ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ବିପିନ୍ ବିହାରୀ ପାତ୍ର କହିଲେ




ଯକ୍ଷ୍ମା ନିରାକରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଜଗତସିଂହପୁର ଜିଲ୍ଲାକୁ ବ୍ରୋଞ୍ଜ ପଦକ ଓ ମାନପତ୍ର ମିଳିଛି । କେନ୍ଦ୍ର ସରକାରଙ୍କ ନୂଆ ନିୟମ ଅନୁସାରେ ୨୦୧୫ ମସିହାରେ ଯେଉଁ ଜିଲ୍ଲାରେ ଯେତିକି ସଂଖ୍ୟକ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଥିବେ ତାହାର ପରବର୍ତ୍ତୀ ବର୍ଷ ଗୁଡିକରେ ଯଦି ଏଥରରେ ୨୦ପ୍ରତିଶତ ହ୍ରାସ ଘଟେ ତାହେଲେ ସଂପୃକ୍ତ ଜିଲ୍ଲାକୁ ବୋଞ୍ଜ ସାର୍ଟିଫିକେଟ ପ୍ରଦାନ କରାଯିବ । ପ୍ରତିଦିନ ବିଶ୍ୱରେ ୨୮୦୦୦ ଯକ୍ଷ୍ମା ରୋଗୀ ସଂକ୍ରମିତ ହେଉଥିବା ବେଳେ ୪୧୦୦ମୃତ୍ୟୁବରଣ କରୁଛନ୍ତି । ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଚକ୍ରଧର ଜେନା ଯୋଗଦେଇ କହିଲେ ବିଗତ ଦଶନ୍ଧିରେର ଯକ୍ଷ୍ମା ନିରାକରଣ ପାଇଁ ଅନେକ କାର୍ଯ୍ୟ ହୋଇଛି । ଯକ୍ଷ୍ମା ରୋଗର ଚଞ୍ଚଳ ଚିହ୍ନଟ ହେବା ଓ ଚିକିତ୍ସା ଆରମ୍ଭ କଲେ ଏହା ଆରୋଗ୍ୟ ସାଧ୍ୟ ,ଯକ୍ଷ୍ମା ଏକ ମାରାତ୍ମକ ରୋଗ,ଯକ୍ଷ୍ମା ରୋଗ ପାଇଁ ସରକାରଙ୍କ ପକ୍ଷରୁ ମାଗଣା ଔଷଧ ଯୋଗାଇ ଦିଆଯାଉଛି । ମାଇକୋବ୍ୟାକ୍ଟେରିୟମ ଟ୍ୟୁବରେକୁଲୋସିସଦ୍ୱାରା ଯକ୍ଷ୍ମା ରୋଗ ହୁଏ । ଏହା ଫୁସ୍‌ଫୁସ୍‌କୁ ସଂକ୍ରମଣ କରେ । କେନ୍ଦ୍ର ସରକାର ଭାରତକୁ ୨୦୨୫ମସିହା ସୁଦ୍ଧାଟି.ବି. ମୁକ୍ତ କରିବାକୁ ପ୍ରୟାସ ଜାରୀ ରଖିଛନ୍ତି । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଂଜନ ପଟ୍ଟନାୟକ ଯୋଗଦେଇ ଟି.ବି.ରୋଗର ଲକ୍ଷଣ ଓ ନିରାକରଣ ନିମନ୍ତେ ଅଧିକ ସଚେତନତା ର ଆବଶ୍ୟକତା ରହିଛି । ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲାରେ କାର୍ଯ୍ୟକରୁଥିବା ଟି.ବି ଚମ୍ପିୟାନମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ରବର୍ଟ କର୍କଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଶେଷରେ ଡେପୁଟୀ ମ୍ୟାନେଜର ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ସୁକାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଆଶାକର୍ମୀ,ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଚାଷୀ ସତ୍ୟାଗ୍ରହ

**ଜଗତସିଂହପୁର(ସଂପର୍କବାର୍ତ୍ତା):-**ନବନିର୍ମାଣ କୃଷକ ସଂଗଠନ ତରଫରୁ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷି ସତ୍ୟାଗହ କରି ଧାରଣାରେ ବସିଛନ୍ତି । ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦାବୀ କରାଯାଇଛି କି ୨୦୨୧ ସେପ୍ଟେମ୍ବର ମାସରେ ବର୍ଷା ବିପାତ ଓ ଡିସେମ୍ବର ମାସରେ ବାତ୍ୟା ଜୱାଦ , ବାତ୍ୟା କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ ଓ ଚାଷି ଉତ୍ପାଦିତ ସମସ୍ତ ବଳକା ଧାନ ବିକ୍ରି ବ୍ୟବସ୍ଥା ଦାବିରେ ବାରମ୍ବାର ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଏହା ଉପରେ ଜିଲ୍ଲା ପ୍ରଶାସନ ଅଣଦେଖା କରୁଛନ୍ତି । ଚାଷୀ ମାନଙ୍କ ବିବିଧ ସମସ୍ୟା ଉପରେ ମଧ୍ୟ ଗତ ୨୨ତାରିଖରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ଦିଆଯାଇଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ୨୫ତାରିଖ ପୂର୍ବାହ୍ନରେ ସମସ୍ୟା ଗୁଡିକ ସମାଧାନ ଦିଗରେ ଆଲୋଚନା କରାଯିବାର ମଧ୍ୟ ପ୍ରତିଶୃତି ଦିଆଯାଇଥିଲା । ତେବେ ଆଜି ନବନିର୍ମାଣ କୃଷକ ସଂଗଠନ ସହ ପ୍ରଶାସନ ପ୍ରତିଶୃତି ମୁତାବକ ଆଲୋଚନା ନକରିବାରୁ ଅପରାହ୍ନରେ ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା ଓ ଚାଷୀ ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ସତ୍ୟାଗ୍ରହରେ ବସିଥିବା ନବନିର୍ମାଣ ସଂଗଠନ ରାଜ୍ୟ ସହସଂଯୋଜକ ରଶ୍ମୀରଂଜନ ସ୍ୱାଇଁ,ଜିଲ୍ଲା ସଂଗଠକ ଦୁର୍ଗାଚରଣ ସ୍ୱାଇଁ ପ୍ରମୁଖ ଚାଷୀ ମାନେ କହିଛନ୍ତି ।

# ଜଗତସିଂହପୁରରେ ଜିଲାପରିଷଦ ଉପାଧକ୍ଷା ସୁଜାତା ମହାନ୍ତି

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲାପରିଷଦ ଉପାଧକ୍ଷା ନିର୍ବାଚନ ଜିଲାପାଳ ଙ୍କ ସଦଭାବନ ସଭା ଗୃହରେ ଆଜି ଅନୁଷ୍ଠିତ ହୋଇଥିଲା ।ଜଗତସିଂହପୁର ଜିଲ୍ଲା ପରିଷଦ ଉପାଧକ୍ଷା ଭାବରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ଜିଲାପରିଷଦ ସଭ୍ୟା ସୁଜାତା ମହାନ୍ତି ବିନା ପ୍ରତିଦ୍ୱନ୍ଦିତାରେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି ।ନିର୍ବାଚିତ ହେବା ପରେ ଜିଲ୍ଲାପାଳ ପାରୁଲ ପଟାୱରୀ ତାଙ୍କୁ ଶପଥ ପାଠ କରାଇଥିଲେ ।ଜିଲ୍ଲା ପରିଷଦ ଉପାଧକ୍ଷା ପାଇଁ ଆଜି ନିର୍ବାଚନ ରହିଥିବା ବେଳେ ସୁଜାତା ମହାନ୍ତି ଦଳୀୟ କାର୍ଯ୍ୟକର୍ତାଙ୍କ ସହିତ ଜିଲ୍ଲା ବିଜୁଜନତାପାର୍ଟି କାର୍ଯ୍ୟାଳୟରୁ ବାହାରି ଦଳର ସୁପ୍ରିମୋ ନବୀନପଟ୍ଟନାୟକ ଦେଇଥିବା ଜିଲା ପରିଷଦ ଉପାଧକ୍ଷ ଟିକଟ ରେ ଏକାକୀ ନାମାଙ୍କନ ପତ୍ର ଦାଖଲ କରିଥିଲେ ।ସୁଜାତା ମହାନ୍ତି ତିର୍ତ୍ତୋଲ ବ୍ଲକ ୨ନମ୍ବର ଜୋନରୁ ଜିଲ୍ଲା ପରିଷଦ ସଭ୍ୟା ଭାବରେ ନିର୍ବାଚିତ ହୋଇଥିଲେ । ଜିଲାର ମୋଟ ୨୬ ଟି ଜିଲା ପରିଷଦ ଆସନ ମଧ୍ୟରୁ ୨୫ ଆସନ ବିଜୁ ଜନତା ଦଳର ପ୍ରାର୍ଥୀ ମାନେ ନିର୍ବାଚିତ ହୋଇ ଥିବାରୁ ବିଜେଡି ଜିଲା ପରିଷଦ ଗଠନ କରିବା ଏକ ପ୍ରକାର ସୁନିଶ୍ଚିତ ହୋଇଥିଲା । ବିଜେଡିର ସମସ୍ତ ନବ ନିର୍ବାଚିତ ଜିଲା ପରିଷଦ ସଭ୍ୟ/ସଭ୍ୟାଙ୍କ ସହିତ ଜଗତସିଂହପୁର



ବିଧାୟକ ତଥା ଜିଲା ବିଜେଡି ସଭାପତି ପ୍ରଶାନ୍ତ ମୁଦୁଲି ସଦଭାବନା ସଭା ଗୃହ ରେ ପହଁଚି ଥିଲେ ।ତେବେ ସୁଜାତା ମହାନ୍ତି ଜିଲା ପରିଷଦ ଉପାଧକ୍ଷା ଭାବେ ନିର୍ବାଚିତ ହେଲାପରେ ଦଳୀୟ କର୍ମକର୍ତା ନବ ନିର୍ବାଚିତ ଉପାଧକ୍ଷା ସୁଜାତା ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ଦେଇ ବ୍ୟାପକ ସମ୍ବର୍ଦ୍ଧନା କରିଥିଲେ ।ଜିଲାପରିଷଦ ଉପାଧକ୍ଷା ସୁଜାତା ମହାନ୍ତି ନିର୍ବାଚିତ ପରେ ପ୍ରଥମେ ବିଜେଡ଼ି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ କୃତଜ୍ଞତା ଜ୍ଞାପନ କରିବା ସହିତ ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଓ ଜଳସମ୍ପଦ ,ସୁଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ,ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ,ପାରାଦ୍ୱୀପ ବିଧାୟକ ସମ୍ବିତ ରାଉତରାୟ ଓ ସମସ୍ତ ଜିଲାପରିସଦ ସଭ୍ୟ ସଭ୍ୟା ଙ୍କୁ କୃତଜ୍ଞତା ଜଣାଇଥିଲେ ।ଏହି କାର୍ଯ୍ୟକ୍ରମ ରେ ଜିଲା ପରିଷଦ ଅଧକ୍ଷ ମନୋଜ କୁମାର ଭୋଇ,ଜିଲା ପରିଷଦ ସଭ୍ୟ ବିବେକାନନ୍ଦ ବେହେରା,ଚିତ୍ତରଞ୍ଜନ ରାଉଳ, କନକ ସ୍ୱାଇଁ, ପ୍ରଣବ ପ୍ରକାଶ ସ୍ୱାଇଁ, ପୀତବାସ ଗୋଚ୍ଛାୟତ ସମେତ ସମସ୍ତ ଜିଲା ପରିଷଦ ସଭ୍ୟ ସଭ୍ୟା ଏବଂ ଜଗତସିଂହପୁର ବ୍ଲକ ଉପାଧକ୍ଷ ରତିରଞ୍ଜନ ବେହେରା, ଜିଲା ଯୁବ ବିଜେଡି ଉପସଭାପତି ଗୌରପ୍ରସାଦ ମହାନ୍ତି, ଡିଜିଟାଲ ମିଡ଼ିଆ ସମ୍ପାଦକ ରାଜେଶ ଦାସ,ଜଗତସିଂହପୁର ବ୍ଲକ ଯୁବବିଜେଡି ସମ୍ପାଦକ ସୁଧୀର କୁମାର ସ୍ୱାଇଁ, ବରିଷ୍ଠ ବିଜେଡି ନେତା ଅଶ୍ୱିନୀ କୁମାର ସାହୁ ପ୍ରମୁଖ ବିଜେଡି କର୍ମୀମାନେ ନବନିର୍ବାଚିତ ଜିଲାପରିଷଦ ଉପାଧକ୍ଷାଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ ।

# ପାରାଦ୍ୱୀପରେ "ମିଥ୍ୟାବାଦୀ ଜିନ୍ଦାବାଦ" ମଞ୍ଚସ୍ଥ

**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ପାରାଦୀପର ଜୟଦେବ ସଦନ ଠାରେ ୧୯ତମ ଜାତୀୟ ନାଟ ମହୋତ୍ସବର ସପ୍ତମ ସନ୍ଧ୍ୟାରେ ଆୟୋଜକ କ୍ୟାନମାସ ଦ୍ୱାରା ଶ୍ରୀମନ ମିଶ୍ରଙ୍କ ନିର୍ଦ୍ଦେଶିତ ଓ ପରେଶ ପଟ୍ଟନାୟକଙ୍କ ଦ୍ୱାରା ରଚିତ ନାଟକ "ମିଥ୍ୟାବାଦୀ ଜିନ୍ଦାବାଦ" ମଂଚସ୍ଥ ହୋଇଥିଲା । ୮୫ ମିନିଟ୍‌ର ଏହି ହାସ୍ୟଭରା ନାଟକରେ କଳିଯୁଗର ବିଜମନ୍ତ୍ର ହେଉଛି ମିଛ ଏବଂ ପଦେ ମିଛ କଥାରେ ଏତେ ଜୀବନ ଶକ୍ତି ଅଛି ଯେ, ଯାହା ମୃତ୍ୟୁକୁ ଜୀବନ୍ୟାସ ଦେଇପାରେ । ମିଛ ହିଁ ଏଯୁଗର ଶକ୍ତି ଏବଂ ମଣିଷ ପ୍ରବୃତି ବସତଃ ଏସବୁ କରିଥାଏ ଯାହା ଏହି ନାଟକରେ ପ୍ରଦର୍ଶିତ ହୋଇଥିଲା । ଏହି ନାଟକ ଉପସ୍ଥିତ ଭରପୁର ଦର୍ଶକଙ୍କୁ ମନୋରଂଜନର ଖୋରାକ ଯୋଗାଇଥିଲା । "ମିଥ୍ୟାବାଦୀ ଜିନ୍ଦାବାଦ" ପରେଶ ପଟ୍ଟନାୟକଙ୍କ ରଚିତ 'ବୈଦୁତିକ ଶବଦାହ



ଚୁଲାର ଉଦଘାଟନ' ଗଳ୍ପର ନାଟ୍ୟ ରୁପାନ୍ତର । ଆସନ୍ତା କାଲି ଶନିବାର ଏହି ମହୋତ୍ସବର ଉଦଯାପନୀ ସନ୍ଧ୍ୟାରେ ଲକ୍ଷ୍ନୌର ଦର୍ପଣ ନାଟ୍ୟ ସଂସ୍ଥା ଦ୍ୱାରା ହିନ୍ଦୀ ଭାଷି ନାଟକ ଆଖିରି ବସନ୍ତ ମଂଚସ୍ଥ ହେବ ।

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା
ମାର୍ଚ୍ଚ ୨୮ ରୁ ଏପ୍ରିଲ୍ ୩, ୨୦୨୨, ଜଗତସିଂହପୁର
March 28 to April 3, 2022, Jagatsinghpur


# କାହାକୁ ଭରସା କରିବ ଓଡ଼ିଶା ? ୧୩୦ ବର୍ଷରେ ଓଡ଼ିଶାରେ ୯୬ ବାତ୍ୟା

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହୋଇସାରିଛି। ଏହା ଆସନ୍ତା ୨୧ ତାରିଖ ସୁଦ୍ଧା ବାତ୍ୟା ରୂପ ନେଇ ଆଣ୍ଡାମାନ ଓ ନିକୋବର ଦ୍ୱୀପରେ ମାଡ଼ ହେବ। ଯାହା ଚଳିତ ବର୍ଷର ପ୍ରଥମ ବାତ୍ୟା ବୋଲି କୁହାଯାଉଛି। ସମ୍ଭାବ୍ୟ ବାତ୍ୟା ଆସାନୀ ମିଆଁମାର ଆଡ଼କୁ ଗତି କରିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ପାଣିପାଗ ବିଭାଗ ସୂଚନା ଅନୁସାରେ ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ର ସ୍ଥଳରେ ସୃଷ୍ଟି ହୋଇଥିବା ଲଘୁଚାପ ପୂର୍ବ ଓ ଉତ୍ତର ପୂର୍ବ ଦିଗ ଆଡ଼କୁ ଗତିକରି ଗୁରୁବାର ବଙ୍ଗୋପସାଗର ଦକ୍ଷିଣ ପୂର୍ବ ତଟବର୍ତ୍ତୀ ପୂର୍ବ ମଧ୍ୟ ଭାଗରେ ହିନ୍ଦ ମହାସାଗରରେ କେନ୍ଦ୍ରୀଭୂତ ହୋଇଛି। ଲଘୁଚାପ ଯୋଗୁଁ ସମୁଦ୍ର ତଥା ବଙ୍ଗୋପସାଗର ଅଶାନ୍ତ ରହିଛି। ଲଘୁଚାପ ପୂର୍ବ-ଉତ୍ତର ପୂର୍ବ ଦିଗ ଆଡ଼କୁ ଗତି କଲାବେଳେ ବାତ୍ୟାର ପ୍ରଭାବ ରହିବ କିଭଳି ରହିବ ସ୍ପଷ୍ଟ ହେବ। ଗତ ୧୩୦ ବର୍ଷରେ ଓଡ଼ିଶାକୁ ବର୍ତ୍ତମାନ ସୁଦ୍ଧା ୯୬ଟି ବାତ୍ୟା ମାଡ଼ ହୋଇଛି। ଏଥିରୁ ୨୭ଟି ବାତ୍ୟା ବାଲେଶ୍ୱର ଜିଲ୍ଲାର ଉପକୂଳରେ ଲ୍ୟାଣ୍ଡଫଲ କରିଛି ବୋଲି ଏକ ତଥ୍ୟରୁ ଜଣାଯାଇଛି।

ଭାତ ହାଣ୍ଡିରୁ ଗୋଟିଏ ପରି ଗତ ଡିସେମ୍ବର କଥା ଦେଖନ୍ତୁ ପ୍ରଥମ ସପ୍ତାହରେ ଲଘୁଚାପ ଜହ୍ୱାଦ୍ ଶନିବାର ସକାଳ ପର୍ଯ୍ୟନ୍ତ ଅଧା ଓଡ଼ିଶାର ଲୋକେ ବାତ୍ୟା ଭୟରେ ରଖିଥିଲା। ପ୍ରାୟ ୧୦ଟା ପରେ ଆଇଏମ୍‌ଡି ସ୍ପଷ୍ଟ କଲା ବାତ୍ୟା ହେବାର ନାହିଁ, ଶକ୍ତିହୀନ ହୋଇସାରିଛି ଜୱାଦ। ଅନ୍ୟ ପକ୍ଷରେ ଓଡ଼ିଶା ଏକ ବାତ୍ୟାପ୍ରବଣ ରାଜ୍ୟ ହୋଇଥିବାରୁ ଆଇଏମ୍‌ଡି ସୂଚନାକୁ ଆଧାର କରି ରାଜ୍ୟ ସରକାର ବାତ୍ୟା ମୁକାବିଲା ପ୍ରସ୍ତୁତି କରିଥିଲେ। ବିଭିନ୍ନ ସମ୍ବେଦନଶୀଳ ଜିଲ୍ଲାକୁ ଉଦ୍ଧାରକାରୀ ଦଳ ପଠାଇବା ସହ ତଳିଆ ଅଞ୍ଚଳରୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିଥିଲେ। ଯାହା ସମ୍ପର୍କରେ ଏସ୍‌ଆରସି ଟ୍ୱିଟ୍ କରି ସୂଚନା ଦେଉଥିଲେ। ଏମିତିକି ବାତ୍ୟାଟି ଓଡ଼ିଶାରେ ଲ୍ୟାଣ୍ଡଫଲ କରି ନପାରେ ବୋଲି ଏସ୍‌ଆରସି ଟ୍ୱିଟ କରି ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରିଥିଲେ। କିନ୍ତୁ ଏହା ପରେ ମଧ୍ୟ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୋଟିକୋଟି ଓଡ଼ିଶାବାସୀଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଆଗକୁ ଓଡ଼ିଶା ପରି ବାତ୍ୟା ପ୍ରବଣ ରାଜ୍ୟର ସରକାର କେଉଁ ରିପୋର୍ଟ ଉପରେ ଭରସା କରିବେ। କାହା ତଥ୍ୟ ଆଧାରରେ ବାତ୍ୟା ମୁକାବିଲା କରିବେ ତାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଛି। ଏପରିକି କିଛି ପାଣିପାଗ ବିଜ୍ଞାନୀ ମଧ୍ୟ ସମାନ ଆଶଙ୍କା କରିଛନ୍ତି। କେବଳ ଆଇଏମ୍‌ଡି ନୁହେଁ ବିଶ୍ୱର ବଡ଼ ବଡ଼ ପାଣିପାଗ ସଂସ୍ଥା ମଧ୍ୟ ଆକଳନରେ ଭୁଲ ସାବ୍ୟସ୍ତ ହେବାରେ ଲାଗିଛନ୍ତି। ବାତ୍ୟା 'ୟସ୍', 'ଗୁଲାବ' ଓ ଏବେ 'ଜୱାଦ' କ୍ଷେତ୍ରରେ ସମାନ ଘଟଣା ଘଟିଛି। ଅଭିଜ୍ଞତା ଦୃଷ୍ଟିରୁ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ବାତ୍ୟାର ସଠିକ ଗତିପଥ ଓ ତୀବ୍ରତା ମାପିବାରେ ଆଇଏମ୍‌ଡି



ଡାକ୍ତର ସମ୍ରାଟ କର
ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,
ପୁରୀଘାଟ ରୋଡ଼, କଟକ
ଦୂରଭାଷ : ୯୧୩୨୪୩୩୩୩୩

ସର୍ବାଗ୍ରେ ବୋଲି ବିବେଚନା କରାଯାଇଛି। ତେଣୁ ପୂର୍ବରୁ ଯେତେ ବାତ୍ୟା ଆସିଛି, ବିଦେଶୀ ସଂସ୍ଥାଙ୍କୁ ଛାଡ଼ି ଆଇଏମ୍‌ଡି ଆକଳନ ଉପରେ ରାଜ୍ୟ ସରକାର ସର୍ବଦା ଆଶାପ୍ରକଟ କରିଥାନ୍ତି। ମାତ୍ର କ୍ରମାଗତ ଭାବେ ଆଇଏମ୍‌ଡିର ଆକଳନ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି କରୁଥିବାରୁ ଅଭିଯୋଗ ଆରମ୍ଭ ହୋଇଯାଇଛି। 'ଜୱାଦ' ପ୍ରସଙ୍ଗରେ ସୋସିଆଲ ମିଡ଼ିଆରେ ଆଇଏମ୍‌ଡି କାର୍ଯ୍ୟାକଳାପ ଉପରେ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ଆଇଏମ୍‌ଡି ଆକଳନ ଆଧାରରେ ହିଁ ରାଜ୍ୟ ସରକାର ମୁକାବିଲା ପ୍ରସ୍ତୁତି କରିଥାନ୍ତି। ଓଡ଼ିଶା ଭଳି ଏକ ବାତ୍ୟା ପ୍ରବଣ ରାଜ୍ୟ ପାଇଁ ଆଗୁଆ ଓ ସଠିକ୍ ସୂଚନା ଯଥେଷ୍ଟ ଗୁରୁତ୍ୱ ରଖୁଥିବାରୁ ଏଥିପ୍ରତି ବିକଳ୍ପ ପନ୍ଥା ଗ୍ରହଣ କରିବାକୁ ଦାବି ଉଠିଛି। ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ବାୟୁ ମଣ୍ଡଳରେ ଶୀଘ୍ର ପରିବର୍ତ୍ତନ ହେତୁ ପାଣିପାଗ ଆକଳନ କରିବା କଷ୍ଟକର ହୋଇପଡୁଛି। ଯାହାକି ପୂର୍ବାନୁମାନରେ କଷ୍ଟ ସାଧ୍ୟ ହେଉଛି। ତେବେ କିଛି ମଡେଲକୁ ଛାଡ଼ିଦେଲେ ଅନ୍ୟମାନେ ବାରମ୍ବାର ନିଜର ମତ ବଦଳାଉଛନ୍ତି। ଯାହାଦ୍ୱାରା ଆକଳନକାରୀଙ୍କ ପାଇଁ ଏହା ଏକ ବଡ଼ ଆହ୍ୱାନ ହୋଇପଡ଼ିଛି। ତେଣୁ ଆଗାମୀ ଦିନରେ ଏ ଦିଗରେ ଗବେଷଣା ଅଧିକ କରିବା ଆବଶ୍ୟକ ହୋଇଛି। ସେହିପରି ମଡେଲଗୁଡ଼ିକ ଚଳାଇବା ପାଇଁ ଭାରତର ବିଭିନ୍ନ ସ୍ଥାନରୁ ତଥ୍ୟ ଦରକାର ପଡୁଛି। ଏହି ତଥ୍ୟକୁ ଆଧାର କରି ସବୁ ମଡେଲ ଆକଳନ ଜାରି କରୁଛନ୍ତି। ବିଦେଶୀ ମଡେଲ ମଧ୍ୟ ଭାରତ ଠାରୁ ସଂଗୃହୀତ ତଥ୍ୟ ଗ୍ରହଣ କରି ଆକଳନ ଜାରି କରୁଛନ୍ତି। ମାତ୍ର ଏହି ଗୋଲମାଲିଆ ଓ ଭୁଲ ତଥ୍ୟ ଯୋଗୁଁ ବିଦେଶୀ ସଂସ୍ଥା ଭୁଲ ଆକଳନ କରୁଛନ୍ତି। ଭାରତୀୟ ପାଣିପାଗ ବିଭାଗ ସଂପୂର୍ଣ୍ଣ ଭାବେ ବିଦେଶୀ ମଡ଼େଲ ଉପରେ ନିର୍ଭର କରୁଥିବାରୁ ସଠିକ ଆକଳନରେ ସମସ୍ୟା ସୃଷ୍ଟି ହେଉଛି। ସମାନ ଭାବେ ସଠିକ ଆକଳନ ପାଇଁ ଦେଶ ତଥା ରାଜ୍ୟର ବିଭିନ୍ନ ସ୍ଥାନରୁ ବେଲୁନ ଛଡ଼ା ଯାଇଥାଏ। ବାୟୁମଣ୍ଡଳର ସ୍ଥିତି ଜାଣିବାକୁ ଏହି କାର୍ଯ୍ୟ କରାଯାଏ। ମାତ୍ର ତାହା ମଧ୍ୟ କ୍ରମାଗତ ଭାବେ କରାଯାଉ ନଥିବା ଅଭିଯୋଗ ହୋଇଛି। ଆମେରିକାର 'ଜେଟିଡବ୍ଲୁସି' ଭଳି ସଂସ୍ଥା ମଧ୍ୟ ନିଜ କଥାରେ ଦୃଢ଼ ଭାବେ ରହି ନପାରି ବାରମ୍ବାର ମତ ପରିବର୍ତ୍ତନ କରୁଛି। ଏହା ବ୍ୟତୀତ ଆଇଏମ୍‌ଡି ନିକଟରେ ପର୍ଯ୍ୟାପ୍ତ ପରିମାଣରେ ଭିତ୍ତିଭୂମି ମଧ୍ୟ ନାହିଁ। ଆଇଏମ୍‌ଡି ବ୍ୟବହାର କରୁଥିବା ସାଟେଲାଇଟ ମଧ୍ୟ ଅନ୍ୟ ଦେଶ ତୁଳନାରେ ଉନ୍ନତ ହୋଇପାରୁ ନାହିଁ। ସେହିପରି ବଙ୍ଗୋପସାଗରରେ ଥିବା ଭାସମାନ ଓ୍ୱେଦର ଷ୍ଟେସନ ମଧ୍ୟ ସମ୍ପୂର୍ଣ୍ଣ ବଙ୍ଗୋପସାଗରକୁ ପରିଧିରେ ଆକଳନ କରିପାରୁନାହିଁ। ଯାହାଦ୍ୱାରା ବାତ୍ୟା ସମ୍ପର୍କରେ ସଠିକ ଆକଳନ ସମସ୍ୟା ସୃଷ୍ଟି ହେଉଛି। ଭାରତକୁ ବାରମ୍ବାର ବାତ୍ୟା ଭୟ ରହୁଥିଲେ ମଧ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ଧୀରେ ଧୀରେ ଆଇଏମ୍‌ଡିର ବିଶ୍ୱାସନୀୟତା ପ୍ରତି ଆଶଙ୍କା ସୃଷ୍ଟି ହେବାରେ ଲାଗିଛି ।

ବର୍ଷା, ବାତ୍ୟା, ମରୁଡ଼ି ଏବଂ ବନ୍ୟା ସଂପର୍କରେ ଅଧିକ ଜାଣିବାକୁ ହେଲେ ପ୍ରଥମେ ଆମ ସରକାରଙ୍କୁ ବାଦଲ ବା କ୍ଲାଉଡ ଉପରେ ଗବେଷଣା କରିବାକୁ ହେବ। ବାଦଲରେ ଜଳୀୟ ବାଷ୍ପର ମାତ୍ରା, ପବନର ବେଗ, ବଜ୍ରପାତ ହେବାର ଆଶଙ୍କା ଆଦିର ଅନୁଧ୍ୟାନ ଠିକ୍ ଭାବେ କରାଯାଇ ପାରିଲେ ଓଡ଼ିଶାରେ ପାଣିପାଗ ଜନିତ ବିପର୍ଯ୍ୟୟକୁ ଅନେକ ମାତ୍ରାରେ ରୋକାଯାଇ ପାରନ୍ତା। ବିପର୍ଯ୍ୟୟର ମାତ୍ରାକୁ ସର୍ବନିମ୍ନ କରିବା ପାଇଁ ହେଲେ ବ୍ଲକ ଏବଂ ପଞ୍ଚାୟତସ୍ତରରେ ମଲ୍ଟିଲେଭେଲ୍ ହାଜାର୍ଡ଼ ମ୍ୟାପିଂ ଏବଂ ବିପର୍ଯ୍ୟୟ ସହନଶୀଳ ଭିତ୍ତିଭୂମି ସ୍ଥାପନ କରିବାର ତୁରନ୍ତ ଆବଶ୍ୟକତା ରହିଛି। ଏହାହେଲେ ବିଶ୍ୱରେ ହେଉଥିବା ପାଣିପାଗ ପ୍ରଭାବ ଜନିତ ଏକାଧିକ ବିପର୍ଯ୍ୟୟ ପ୍ରଭାବରୁ ଓଡ଼ିଶାକୁ ଅନେକ ମାତ୍ରାରେ ସୁରକ୍ଷିତ ରଖାଯାଇ ପାରିବ।

# ତିଆରି ହେଉନି ଶିଶୁଙ୍କ ପାଇଁ ନାଟକ !

ଆଜି ମାର୍ଚ୍ଚ ୨୭ ତାରିଖ ଦିନ ପାଳିତ ହେଉଛି ବିଶ୍ୱ ରଙ୍ଗମଞ୍ଚ ବା ବିଶ୍ୱ ଥିଏଟର୍ ଡେ । ଦକ୍ଷିଣ ଆଫ୍ରିକାର ଖ୍ୟାତନାମା ତଥା ସମଗ୍ର ବିଶ୍ୱ ନାଟ୍ୟ ସଂସ୍ଥା କ୍ଷେତ୍ରରେ ସଚେତନତାର ବାର୍ତ୍ତା ସୃଷ୍ଟି କରି କାଳଜୟୀ ନାଟ୍ୟକାର ବ୍ରେଟ୍ ବେଲି ରଙ୍ଗମଞ୍ଚର ସ୍ଥିତି ଓ ଭବିଷ୍ୟତକୁ ସୁଦୃଢ଼ କରିବାକୁ ଏହିପରି ଏକ ସକରାତ୍ମକ ବାର୍ତ୍ତା ଦେଇଛନ୍ତି । ନାଟ୍ୟକାର ବ୍ରେଟ୍ ବେଲିଙ୍କ ବାର୍ତ୍ତାର ଅନ୍ତର୍ନିହିତ ତାତ୍ପର୍ଯ୍ୟକୁ ଓଡ଼ିଶା କ୍ଷେତ୍ରରେ ଅନୁମାନ ଓ ତୁଳନା କଲେ ଏହା ହିଁ ସୁସ୍ପଷ୍ଟ ହୋଇଥାଏ ଯେ ଏବେ ଯେମିତି ସ୍ଥିତି ଅଛି ତାହା ଚଳନୀୟ କିନ୍ତୁ ଭବିଷ୍ୟତରେ ଏହା ଦିଗହରା ହୋଇଯିବ । କୁହାଯାଏ ଆଜିର କୋମଳମତୀ ଶିଶୁ କଳିକା ବା କୁନି କୁନି ପିଲାମାନେ ହେଉଛନ୍ତି ଆସନ୍ତା କାଲିର ଆମ ସମୟର ଜଣେ ଜଣେ ନାଗରିକ । ଯଦି ସେମାନଙ୍କ ମଧ୍ୟରେ ନାଟକ ପ୍ରତି ଉତ୍କଣ୍ଠା ନାହିଁ ତେବେ ଆସନ୍ତା କାଲିର ଭବିଷ୍ୟତ କେମିତି ହେବ ତାହା ଏବେଠାରୁ ଖୁବ୍ ଭଲଭାବେ ଜଣାପଡ଼ିଯାଉଛି । ସାଧାରଣ ଜନଜୀବନରେ ନାଟକର ବାର୍ତ୍ତା କମ୍ ପ୍ରେରଣାଦାୟକ ନୁହେଁ । ନାଟକ ବ୍ୟକ୍ତିର ବ୍ୟକ୍ତିତ୍ୱ ଗଢ଼ିବାରେ ସହାୟକ ହେବାସହ ଏହା ସାଧାରଣ ଜନଜୀବନର ନିଚ୍ଛକ ଜୀବନ ଚିତ୍ରକୁ ବେଶ୍ ନିଖୁଣ ଭାବରେ ପ୍ରତିକାତ୍ମକ ବାର୍ତ୍ତା ଦେଇ ସମାଜକୁ ଏକ ଭଲ ଶିକ୍ଷା ଦେଇଥାଏ । ନାଟକ ହେଉ ବା ଥିଏଟରର ରଙ୍ଗମଞ୍ଚରେ ବାସ୍ତବଧର୍ମୀ ଚରିତ୍ରର ପ୍ରତିଫଳନ ହୋଇଥାଏ । ଏବଂ ଏହା ଭିତରେ ଠିକ୍ ଓ ଭୁଲ୍‌ର ଅଙ୍କକଷା ଭିତରେ ଏକ ସଂସ୍କାରମୂଳକ ଓ ଗଠନାଭିମୁଖୀ ବାର୍ତ୍ତା ନେଇ ଦର୍ଶକଟି ଘରକୁ ଫେରିଥାଏ । ଆଉ ଯଦି ଦର୍ଶକ ଜଣକ କୋମଳମତି ଶିଶୁ ବା କିଶୋର ହୋଇଥାଏ ତେବେ ସେମାନଙ୍କ ମନରେ ଏହି ବାର୍ତ୍ତା ଆଦର୍ଶରେ ପରିଣତ ହୋଇଥାଏ । ଦିନଥିଲା ଯେଉଁ ସମୟରେ ଏମିତି କିଛି ନାଟକ ଶିଶୁମାନଙ୍କ ପାଇଁ ଯଥେଷ୍ଟ ଆଦର୍ଶର ବାର୍ତ୍ତା ସୃଷ୍ଟି କରିପାରୁଥିଲା । ନାଟ୍ୟକାରମାନେ ଶିଶୁ ଦର୍ଶକଙ୍କ ଉପସ୍ଥିତି ଓ ପ୍ରଭାବକୁ ଲକ୍ଷ୍ୟ ରଖି କାହାଣୀ ଓ ଚରିତ୍ର ସୃଷ୍ଟି କରୁଥିଲେ । ଶିଶୁ ନାଟକର ଦୁଇଟି ଗଠନ ଉପଯୋଗୀ ଦିଗ ରହୁଥିଲା ପ୍ରଥମତଃ ଏହା କୁନି ପିଲାଟି ପାଇଁ ଆଦର୍ଶ ସୃଷ୍ଟି କରୁଥିବାବେଳେ ସେମାନଙ୍କର ବୌଦ୍ଧିକ ଓ ମାନସିକ ବିକାଶକୁ ଯଥେଷ୍ଟ ଭାବରେ ପ୍ରେରଣା ଯୋଗାଉଥିଲା ।

## ବିଶ୍ୱ ରଙ୍ଗମଞ୍ଚ ଦିବସ

୧୯୬୧ ମସିହା ଅନ୍ତର୍ଜାତୀୟ ରଙ୍ଗମଞ୍ଚ ଦିବସ ଅନୁଷ୍ଠାନର ପଦକ୍ଷେପ କ୍ରମେ ପ୍ରତି ବର୍ଷ ମାର୍ଚ୍ଚ ୨୭ ତାରିଖ ପାଳନ କରାଯାଏ ବିଶ୍ୱ ରଙ୍ଗମଞ୍ଚ ଦିବସ। ଅନ୍ତର୍ଜାତୀୟ ରଙ୍ଗମଞ୍ଚ ଅନୁଷ୍ଠାନ କେନ୍ଦ୍ର ଓ ଅନ୍ତର୍ଜାତୀୟ ରଙ୍ଗମଞ୍ଚ ସମୁଦାୟ ଦ୍ୱାରା ଏହି ଦିବସ ପାଳନ କରାଯାଏ। ଏ ଅବସରରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ରଙ୍ଗମଞ୍ଚ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନ୍ତର୍ଜାତୀୟ ରଙ୍ଗମଞ୍ଚ ଅନୁଷ୍ଠାନର ନିମନ୍ତ୍ରଣରେ, ଅର୍ଥାତ୍ ଯାହା ମାଧ୍ୟମରେ ବିଶ୍ୱ ରଙ୍ଗମଞ୍ଚ ଦିବସ ସନ୍ଦେଶ ପ୍ରେରଣ କରାଯାଏ, ବିଶ୍ୱର ମହାନତାର ଛବି ରଙ୍ଗମଞ୍ଚର ବିଷୟ ଓ ଶାନ୍ତିର ସଂସ୍କୃତି ଉପରେ ପ୍ରତିଫଳିତ ହୋଇଥାଏ। ପ୍ରଥମ ବିଶ୍ୱ ରଙ୍ଗମଞ୍ଚ ଦିବସର ସନ୍ଦେଶ ଜିନ୍ କକ୍‌ଟିଉ ୧୯୬୨ରେ ଲେଖିଥିଲେ।



ନାଟ୍ୟ ସାରଥୀ ଅଭୟ କୁମାର ଦାସ
ଗୋତରା, ମାହାଙ୍ଗା, କଟକ,
ଦୂରଭାଷ : ୯୪୩୭୧୪୨୭୧୭

'ଅମୃତ ସନ୍ତାନ', 'ଜନ୍ମ ଭୂମି', 'ନୂଆ ସକାଳ', 'ଆଶୀର୍ବାଦ', 'ବାଟଘାଟ' ପରି ଅନେକ ଶିଶୁ ନାଟକର କାଳଜୟୀ ସ୍ରଷ୍ଟା ନାରାୟଣ ରାୟ ମହାପାତ୍ର ଏ କ୍ଷେତ୍ରରେ ଜଣେ ପ୍ରଭାବଶାଳୀ ନାଟ୍ୟକାର ଭାବରେ ସର୍ବତ୍ର ପରିଚିତ ଥିଲେ । କାଳଜୟୀ ନାଟ୍ୟକାର ସାତ୍ତ୍ୱିକ ରାଜାଙ୍କ ପ୍ରମୁଖ ଗଠନ ଉପଯୋଗୀ ଶିଶୁ ନାଟକ ଗୁଡ଼ିକ ଭିତରେ - 'ବିଚାର', 'ମାଲୁଣିଆଇ', 'କୁହୁକ ଦୀପ', 'ହୁଅନ୍ତି କି ରାଜା ଦିନକ ପାଇଁ', 'କୁନି ପାଦେ ତୋର ଅଳତା ଗାର' ଓ ଅନେକ । ବର୍ଷ ବର୍ଷ ଧରି ଶିଶୁ ନାଟକ ରଚନାରେ ବେଶ୍ ପାରଙ୍ଗମ ଥିବା ନାମକରା ନାଟ୍ୟକାର ତନୟା ଦାସ ଗୋସାମୀଙ୍କ ପ୍ରସିଦ୍ଧ ନାଟକ ଗୁଡ଼ିକ ଭିତରେ 'ଫୁଲ ପତର', 'ତାଳ ପତର', 'ସଲିମ୍ ସାର', 'ଢେ଼ଲାପଥର' ଅନ୍ୟତମ । କିନ୍ତୁ ଆଜିର ବ୍ୟସ୍ତବହୁଳ ଓ ତେଲଲୁଣର ସଂସାରକୁ ନେଇ ଅହର୍ନିଶ ଜୀବନ ସଂଗ୍ରାମରେ ଝୁଣ୍ଟିପଡୁଥିବା ଚରିତ୍ରଙ୍କୁ ନେଇ ଆଉ ସେପରି ଶିଶୁ ନାଟକ ତିଆରି ହେଉନି । ଓଡ଼ିଶାରେ ଯେ ନାଟ୍ୟାନୁଷ୍ଠାନ ନାହାନ୍ତି ତାହା ନୁହେଁ କିନ୍ତୁ ମାଳ ମାଳ ସୌଖିନ ନାଟ୍ୟ ସଂସ୍ଥା ରହିଥିଲେ ବି କିଛି ହାତ ଗଣତିକୁ ଛାଡ଼ିଦେଲେ ଶିଶୁନାଟକ କରିବାକୁ ଆଉ କେହି ବି ଆଗଭର ହେଉନାହାଁନ୍ତି । ପୁରୁଣା ଦିନକୁ ଫେରି ଚାହିଁଲେ ଜଣାଯାଏ ୧୯୮୦ରୁ ୯୦ ଦଶକରେ ଶିଶୁ ନାଟକ କ୍ଷେତ୍ରରେ ଓଡ଼ିଶା ସର୍ବ ଭାରତୀୟ ସ୍ତରରେ ବେଶ୍ ପ୍ରସିଦ୍ଧ ଲାଭ କରିଥିଲା । ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସହ ଅନେକ ସୌଖିନ ନାଟ୍ୟସଂସ୍ଥାନ ମାନେ ଶିଶୁ ନାଟକ ମହୋତ୍ସବ ବେଶ୍ ଆନନ୍ଦ ଉଲ୍ଲାସ ମଧ୍ୟରେ କରୁଥିଲେ । ଓଡ଼ିଶାରେ ସର୍ବପ୍ରଥମେ ଶିଶୁ ନାଟକ କ୍ଷେତ୍ରରେ ଆଗେଇ ଆସିଥିବା ଅନୁଷ୍ଠାନ ଭିତରେ ସୃଜନୀ ଓ ଶତାବ୍ଦୀର କଳାକାର ଅନ୍ୟତମ । ୧୯୮୯ରେ ସଂଗୀତ ନାଟକ ଏକାଡ଼େମୀର ସହଯୋଗରେ ଶିଶୁ ନାଟକ ମହୋତ୍ସବ ଏହି କ୍ଷେତ୍ରରେ ଉତ୍ସାହ ଓ ନୂଆ ଦିଗନ୍ତ ସୃଷ୍ଟି କରିଥିଲା । କାରଣ ଶିଶୁ ନାଟକ ଲେଖୁଥିବା ନାଟ୍ୟକାରମାନେ ଏଥିରୁ ବେଶ୍ ପ୍ରେରଣା ପାଇଥିଲେ । କିନ୍ତୁ ୧୯୯୫ ପର ଠାରୁ ଏହି ଶିଶୁ ନାଟକ ମହୋତ୍ସବ ଆଉ ଅନୁଷ୍ଠିତ ହେଲାନାହିଁ । ପୂର୍ବରୁ ଗୀତିନାଟ୍ୟର ପ୍ରଭାବ ରହୁଥିଲା ଯେଉଁଥିରେ ପୌରାଣିକ, ସାମାଜିକ ବ୍ୟବସ୍ଥା ସହ ସଂସ୍କାରଧର୍ମୀର ବାର୍ତ୍ତା ଜନଜୀବନରେ କୁନି କୁନି ପିଲାଙ୍କୁ ସେମାନଙ୍କ ହୃଦୟକୁ ଛୁଇଁବାରେ ବେଶ୍ ପ୍ରଭାବଶାଳୀ ରହୁଥିଲା । ଶିଶୁ ନାଟକର ଗୀତିନାଟ୍ୟ ଭିତରେ ସବୁଠାରୁ ଚେତନାପ୍ରଦାୟକ ଓ କାଳଜୟୀ ପାଲଟିଥିବା ଶିଶୁ ନାଟକ ହେଉଛି 'ଲବକୁଶ', 'ଅମୃତ ସନ୍ତାନ', 'ବୀରଶିଶୁ ନାଗାର୍ଜ୍ଜୁନ' ଓ 'ଶିକ୍ଷାଲୋକ' । ସଂପ୍ରତି ବିଦ୍ୟାଳୟରେ ଶିଶୁ ନାଟକ ପରିବର୍ତ୍ତେ ପିଲାଙ୍କ ସୃଜନଶୀଳତା ପାଇଁ ନାଚଗୀତର ଆୟୋଜନ ହେଉଛି କିନ୍ତୁ ଆଗେ ଯେଉଁପରି ତୃଣମୂଳ ସ୍ତରରୁ ଏହି ନାଟକ ପାଇଁ ପ୍ରୋତ୍ସାହନ ଓ ସହଯୋଗ ମିଳୁଥିଲା ବର୍ତ୍ତମାନ କିନ୍ତୁ ଆଉ ତାହାସବୁ ନାହିଁ । ବର୍ତ୍ତମାନ ବି ଅନେକ ଖ୍ୟାତନାମା ଶିଶୁ ନାଟ୍ୟକାରଙ୍କ ପାଣ୍ଡୁଲିପି ଧୂଳି ଚାଟୁଛି । ଏହାକୁ ପ୍ରକାଶନ କରିବା ପାଇଁ

# ଆଚରଣରେ ରାମ ଓ ରାବଣ

ଆଜିକା ସମୟକୁ ଟିକେ ଦେଖନ୍ତୁ ଆମ୍ଭମାନଙ୍କର ଆଚରଣରେ ରାମ ଅଛନ୍ତି ଓ ରାବଣ ମଧ୍ୟ ଅଛନ୍ତି। ଆମେ ରାମଙ୍କ ଆଦର୍ଶ ଦିବ୍ୟଚେତନା ନେବା ନାଁ ରାବଣର ଜୀବନକୁ ଅନୁଶୀଳନ କରିବା ? ରାବଣର ରାଜଧାନୀ ଧନରେ, ସୌନ୍ଦର୍ଯ୍ୟରେ ସ୍ୱର୍ଗରୁ ମଧ୍ୟ ଅଧିକ ଥିଲା ମାତ୍ର ତାର ହେଲା କ'ଣ ? ସେ ରାଜନୀତି, ପ୍ରଭୁନୀତି, ପ୍ରଜାନୀତି ସବୁ ବିଷୟରେ ପ୍ରବୀଣ ଥିଲେ ମଧ୍ୟ ତା'ର ମନ ମାଙ୍କଡ଼ ପରି ଚଞ୍ଚଳ ଥିଲା। ସେ ସବୁ



ଜାଣିଥିଲେ ମଧ୍ୟ ନ ଜାଣିଲାପରି ଆଚରଣ କରୁଥିଲା। ଲଙ୍କାରେ ଯେତେବେଳେ ହନୁମାନ ପ୍ରବେଶ କଲା, ରାବଣ ତାକୁ ଧରିଆଣି ହତ୍ୟା କରିବାକୁ ଉଦ୍ୟମ କରୁଥିଲା। ମାତ୍ର ବିଭୀଷଣ ତାକୁ ବୁଝାଇ କହିଲା, ଦୂତକୁ ହତ୍ୟା କରିବା ରାଜନୀତି ନୁହେଁ। ଫଳରେ ବିଭୀଷଣକୁ ରାବଣ ହାତରେ ବହୁ ଯନ୍ତ୍ରଣା ଭୋଗିବାକୁ ପଡ଼ିଲା। ରାବଣ ସୀତାଙ୍କ ପାଖକୁ ଯାଇ ତାଙ୍କୁ ସତର୍କ ବାଣୀ ଶୁଣାଇ କହିଲା, ଦୁଇମାସ ଭିତରେ ସେ ମତ ନବଦଳାଇଲେ ତାଙ୍କୁ ମଧ୍ୟ ସେ ହତ୍ୟା କରିବ। ଏହା ଶୁଣି ମନ୍ଦୋଦରୀ କହିଲା, ନାରୀ ହତ୍ୟା ମହାପାପ। ମାତ୍ର ମନର ଦୁଷ୍ଟ ସ୍ୱଭାବ ତାକୁ କୁମାର୍ଗରେ ଚଳାଇ ନେଲା ଓ ତା'ର ଧ୍ୱଂସ ଘଟିଲା।

ଥରେ ମନ୍ଦୋଦରୀ ରାବଣକୁ କହିଲା, 'ନାଥ, ତୁମେ ସବୁ ଧର୍ମ, ନୈତିକତା, ବେଦ ବେଦାନ୍ତ ଜାଣିଛ, ତୁମେ ତୁମ ଇଚ୍ଛାନୁସାରେ ବିଭିନ୍ନ ରୂପ ମଧ୍ୟ ଧାରଣ କରିପାର। ତୁମେ ଏପରି ଅନୀତି କାହିଁକି କରୁଛ ? ସୀତାଙ୍କୁ ନିଜର କରିବାକୁ ଯଦି ଇଚ୍ଛା, ତେବେ ରାମଙ୍କ ରୂପ ଧରି ତାଙ୍କ ପାଖକୁ ଗଲେ ତା ତାଙ୍କୁ ପାଇ ପାରନ୍ତ।' ରାବଣ ଉତ୍ତରରେ କହିଲା, 'ଶ୍ରୀରାମଙ୍କର ରୂପ ଅତି ପବିତ୍ର। ମୁଁ ଯଦି



ଡାକ୍ତର ଦିଲ୍ଲୀପ କୁମାର ମହାରଣା
ଶିଖରପୁର ଉପରସାହି, କଟକ
ଦୂରଭାଷ : ୮୨୮୦୯୬୩୨୮୩

ସେ ରୂପ ଧାରଣ କରିବି, ତେବେ ମୋ ମନରେ ଆଉ ଦୁଷ୍ଟ କାମନା ରହିବ ନାହିଁ।' ରାବଣ ଜାଣିଥିଲା ଯେ ରୂପ ଅନୁସାରେ ଗୁଣ ଦେଖାଯାଏ। ସେ ରାକ୍ଷସ ହୋଇଥିବାରୁ ତା'ପାଖରେ ରାକ୍ଷସ ଗୁଣ ରହିବା ସ୍ୱାଭାବିକ। ମାତ୍ର ଆଜିକାଲି ଲୋକେ ମଣିଷ ରୂପ ଧରି ମଧ୍ୟ ରାକ୍ଷସ ପରି ବ୍ୟବହାର କରୁଛନ୍ତି। ମଣିଷର ରୂପ ଧାରଣ କରି ମଣିଷର ପବିତ୍ର ଗୁଣର ଅଧିକାରୀ ହେବା ବାଞ୍ଛନୀୟ। କେବଳ ଶୁଆପରି ଆମେ ମଣିଷ, ଆମେ ଭକ୍ତ ବା ଈଶ୍ୱର ସର୍ବବ୍ୟାପୀ, ଏପରି କହିବାର କିଛି ମୂଲ୍ୟନାହିଁ। ଅଭ୍ୟାସକୁ ପ୍ରଥମେ ସଜାଡ଼ିବା ଦରକାର। ପ୍ରାୟ ଅଭ୍ୟାସ ବଳରେ ମଣିଷ ସବୁ କିଛି ସାଧନ କରିପାରେ। ଅଭ୍ୟାସ ଓ ଆଚରଣରେ ହିଁ ପ୍ରକୃତ ସ୍ୱଭାବ ଫୁଟି ଉଠେ।

ରାବଣ ସବୁ ଜାଣିଥିଲେ ମଧ୍ୟ ଅଭ୍ୟାସ କରୁନଥିଲା। ରାବଣ ଷଡ଼ଦର୍ଶନ ଓ ଚାରି ବେଦରେ ପଣ୍ଡିତ ଥିଲା। ତା'ର ଦଶଟି ମୁଣ୍ଡ ଥିଲା ବୋଲି ବର୍ଣ୍ଣନା କରାଯାଇଥାଏ। ଏହି ଦଶ ମୁଣ୍ଡ ଦଶଟି ଶାସ୍ତ୍ରର ପ୍ରତୀକ ବୋଲି କୁହାଯାଇଥାଏ। ଗୋଟିଏ ଗୋଟିଏ ଶାସ୍ତ୍ର ତାର ଗୋଟିଏ ଗୋଟିଏ ମୁଣ୍ଡ ପରି ଥିଲା। ଏହାର ଅନ୍ତରାର୍ଥ ହେଲା ସେ ମହାଜ୍ଞାନୀ ଥିଲା। ମାତ୍ର ସେ ଲୋକଙ୍କର ସୁଖ ଦେଖୁନଥିଲା। ନିଜର ସୁଖ ଓ ନିଜର ଭୋଗରେ ମାତି ରହୁଥିଲା। ତେଣୁ ଏତେ ଭଲ ଗୁଣ ସତ୍ତ୍ୱେ ରାମ ବାଣରେ ତାକୁ ମୃତ୍ୟୁ ବରଣ କରିବାକୁ ପଡ଼ିଲା। ଶେଷରେ ସେ ବୁଝିଲା ଯେ ସେ ଯାହା ସବୁ କରିଛି ତାହା ସବୁ ଅପକର୍ମ, ସବୁ ପାପ। ବିଭୀଷଣ ଯାହା କହିଥିଲା ତାହା ସତ୍ୟ, ମନ୍ଦୋଦରୀ ଯାହା କହିଥିଲା ତାହା ମଧ୍ୟ ସତ୍ୟ। ସେ ଅନୁତାପ କଲା ମାତ୍ର ସବୁ କରି ସାରି ଶେଷ ମୁହୂର୍ତ୍ତରେ ଅନୁତାପ କରିବାର ମୂଲ୍ୟ କ'ଣ ?

ଆଜିକାଲି ଅଧିକାଂଶ ଲୋକଙ୍କର ସ୍ୱଭାବ ଠିକ ଏହିପରି। ସେମାନେ ଭୁଲ କରନ୍ତି, ଅନୁତାପ କରନ୍ତି, ପୁଣି ଭୁଲ କରନ୍ତି ଅନୁତାପ କରନ୍ତି, ଏପରି ଚାଲିଥାଏ। ଏହି ମିଶାଣ ଫେଡ଼ାଣର ମୂଲ୍ୟ କ'ଣ ? ଦୁର୍ଗୁଣ ହେଲା ରାବଣ। କ୍ରୋଧ, ଅସୂୟା ଓ ଅହଂକାରରୁ ପାପ ଜନ୍ମ ନିଏ। ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମ ଦ୍ୱାରା ରାବଣକୁ ଧ୍ୱଂସ କର। ଅସୂୟା, ଅହଂକାରାଦି ଥିଲେ ମନରେ ରାବଣ ବାସ କରିବ। ମାତ୍ର ସତ୍ୟ, ଧର୍ମ, ଶାନ୍ତି ଥିଲେ ରାମ ବାସ କରିବେ। ରାମ ବା ରାବଣ ବାହାରେ କେଉଁଠି ନାହାନ୍ତି, ସେ ଆମରି ଭିତରେ ଅଛନ୍ତି। ଆମରି ଆଚରଣ ଅନୁସାରେ ରାମ ବା ରାବଣ ହୃଦୟରେ ଆଧିପତ୍ୟ କରନ୍ତି। ଆଚରଣରେ ମଣିଷର ସ୍ୱଭାବ, ରାମ ବା ରାବଣ ପ୍ରକଟିତ ହୋଇଥାନ୍ତି।

# ଏକ୍ସ-ରେର ଉଦ୍ଭାବକ : ୱିଲହେଲମ୍ ରୋଣ୍ଟଜନ୍

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ୍ସ-ରେ ଆଜି ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି । ଏହାରି ସହାୟତାରେ ଶରୀରରେ କୌଣସି ହାଡ଼ ଭାଙ୍ଗି ଯାଇଥିଲେ ଜାଣି ହେଉଛି । ଫଳରେ ତାହାର ଚିକିତ୍ସା କରାଯିବା ସମ୍ଭବ ହୋଇପାରୁଛି । ଏହାଛଡ଼ା କୌଣସି ବସ୍ତୁର ଆଭ୍ୟନ୍ତରୀଣ ଅଂଶରେ ରହି ଯାଇଥିବା ତ୍ରୁଟି ବିଚ୍ୟୁତିକୁ ଠାବ କରି ହେଉଛି । ଏକ୍ସ-ରେ ହେଉଛି ଏକପ୍ରକାରର ଚୁମ୍ବକୀୟ ବିକିରଣ । ଏହାକୁ ରୋଣ୍ଟଜନ୍ ବିକିରଣ ମଧ୍ୟ କୁହାଯାଇଥାଏ । ଏକ୍ସ-ରେ ଉଦ୍ଭାବନ କରିଥିବା ବୈଜ୍ଞାନିକ ୱିଲହେଲମ୍ ରୋଣ୍ଟଜନ୍‌ଙ୍କ ନାମ ଅନୁସାରେ ଏକ୍ସ-ରେକୁ 'ରୋଣ୍ଟଜନ୍ ରେ' ବୋଲି କୁହାଯାଇଥାଏ । ଜର୍ମାନୀର ରିନେ ପ୍ରୋଭିନସ୍ ଅନ୍ତର୍ଗତ ଲେନ୍‌ନେପ୍ ଠାରେ ୨୭ ମାର୍ଚ୍ଚ ୧୮୪୫ ମସିହାରେ ବୈଜ୍ଞାନିକ ୱିଲହେଲମ୍ କନ୍‌ରାଡ଼ ରୋଣ୍ଟ ଜେନ୍ ଜନ୍ମ ଗ୍ରହଣ କରିଥିଲେ । ଜୁରିଚ୍ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡ଼ି ହାସଲ କରିବା ପରେ ରୋଣ୍ଟଜେନ୍ ଅଧ୍ୟାପକ ଭାବେ କ୍ୟାରିଅର ଆରମ୍ଭ କରିଥିଲେ । ଅଧ୍ୟାପନା ସହ ସେ ପଦାର୍ଥ ବିଜ୍ଞାନରେ ଗବେଷଣା ଜାରି ରଖିଥିଲେ । ୮ ନଭେମ୍ବର, ୧୮୯୫ରେ ସେ ଏକ୍ସ-ରେ ଉଦ୍ଭାବନ କରିବା ସହ ଏହାର ସଫଳ ପ୍ରୟୋଗ କରିବାରେ ସଫଳ ହୋଇଥିଲେ । ରୋଣ୍ଟଜେନ୍ ପ୍ରଥମେ ନିଜ ପତ୍ନୀଙ୍କ ହାତରେ ଏକ୍ସ-ରେ ପ୍ରୟୋଗ କରି ତାଙ୍କ ହାଡ଼ଗୁଡ଼ିକର ଚିତ୍ର ଦେଖିପାରୁଥିଲେ ବୋଲି ଜଣାଯାଏ । ଏହି ଉଦ୍ଭାବନ ପାଇଁ ତାଙ୍କୁ ୧୯୦୧ ପଦାର୍ଥ ବିଜ୍ଞାନ ପାଇଁ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଆଜି ସ୍ୱାସ୍ଥ୍ୟଗତ ପରୀକ୍ଷା ନିରୀକ୍ଷା କ୍ଷେତ୍ରରେ ଏକ୍ସ-ରେ ଭୂମିକା ଅତ୍ୟନ୍ତ ଅପରିହାର୍ଯ୍ୟ। ବର୍ତ୍ତମାନ ଏହି ଏକ୍ସରେର ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ କରାଯାଉଛି । ଡିଜିଟାଲ ଏକ୍ସରେ ମାଧ୍ୟମରେ କମ୍ପ୍ୟୁଟରାଇଜ୍ ବ୍ୟବସ୍ଥୀକରଣ ଦ୍ୱାରା ଏହା ରୋଗୀଟି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟଗତ ପରୀକ୍ଷା ନିରୀକ୍ଷାର ଆବଶ୍ୟକତା ଭାବେ ମୁଖ୍ୟ ମାଧ୍ୟମ ପାଲଟିଛି। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ରାଜ୍ୟର ବଡ଼ ମେଡ଼ିକାଲ, ଶିଶୁଭବନ, ଜିଲ୍ଲାସଦର ମହକୁମା ବ୍ୟତୀତ ଅନ୍ୟାନ୍ୟ ଡାକ୍ତରଖାନାରେ ରୋଗୀମାନଙ୍କ ହାତପାହାନ୍ତାରେ ବିନା ମୂଲ୍ୟରେ ଏହି ସୁବିଧା ଯୋଗାଇବାର ବ୍ୟବସ୍ଥା ହୋଇଛି। ଆଜି ୨୭ ମାର୍ଚ୍ଚ ହେଉଛି ଏହି ଏକ୍ସରେ ଉଦ୍ଭାବକଙ୍କ ଜୟନ୍ତୀ



ଡାକ୍ତର ପ୍ରଫୁଲ୍ଲ କୁମାର ଦାସ
ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୨୩୪୪୩

# ଦି’ବ୍ରେନ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ରାଜଯକ୍ଷ୍ମା ଦିବସ




**ବାଦାମବାଡି(ସଂପର୍କବାର୍ତ୍ତା):-** କଟକ ପୁରୀଘାଟ ରୋଡ଼ସ୍ଥିତ ସ୍ୱାସ୍ଥ୍ୟ ସମାଜ ସେବକ ସଂଗଠନ ଦି’ବ୍ରେନର ସଂଯୋଜନାରେ ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ତଥା ଯୁବ ମାନସିକ ରୋଗ ବିଶେଷଜ୍ଞ ସମାଜ ସେବକ ଡାକ୍ତର ସମ୍ରାଟ କରଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ଖ୍ୟାତନାମା ମାନସିକ ରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଗୋପାଳ ଚନ୍ଦ୍ର କର ଓ ସମାଜ ସେବିକା ଆଇନଜୀବୀ ଡକ୍ଟର ଗାୟତ୍ରୀ ଦେବୀ, ଅନ୍ୟତମ ଅତିଥି ଭାବେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡାକ୍ତର ଶୁଭଶ୍ରୀ ମିଶ୍ର, ଆଡ଼ଭୋକେଟ ସମ୍ବିତ କର ଉପସ୍ଥିତ ଥିଲେ। ସୂଚନା ଥାଉକି ୧୮୮୨ ମସିହା ଆଜିର ଦିନରେ ଜର୍ମାନ ଗବେଷକ ଡାକ୍ତର ରର୍ବଟ କୋଚ ଏହି ମାରାତ୍ମକ ବ୍ୟାଧି ସୃଷ୍ଟିକାରୀ ବୀଜାଣୁ ‘ମାଇକୋବାକ୍ଟେରିଅମ୍ ଟ୍ୟୁବରକଲୋସିସ’ର ଆବିଷ୍କାର କରିଥିଲେ। ସୂଚନା ଥାଉକି ୨୦୨୦ରେ ବିଶ୍ୱର ଏକ କୋଟି ଲୋକ ଏଥିରେ ଆକ୍ରାନ୍ତ ହୋଇଥିଲେ ଏବଂ ପନ୍ଦର ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ। ଏଥିରେ ଆକ୍ରାନ୍ତ ହେଉଥିବା ଏବଂ ପ୍ରାଣ ହରାଉଥିବା ରୋଗୀଙ୍କ ସଂଖ୍ୟା ସଂପ୍ରତି ଭାରତରେ ସର୍ବାଧିକ। ଠିକ ସମୟରେ ଚିକିତ୍ସା ଦ୍ୱାରା ୨୦୦୦ ମସିହାରୁ ଏ ଯାଏ ବିଶ୍ୱର ୬.୬ କୋଟି ରାଜଯକ୍ଷ୍ମା ରୋଗୀଙ୍କ ଜୀବନ ରକ୍ଷା କରାଯାଇଛି। ତେବେ କୋଭିଡ଼-୧୯ ମହାମାରୀ କାରଣରୁ ଏହାର ନିରାକରଣରେ ବାଧା ସୃଷ୍ଟି ହୋଇଛି। ଏକ ଦଶନ୍ଧି ପରେ ପ୍ରଥମ ଥର ପାଇଁ ୨୦୨୦ରେ ରାଜଯକ୍ଷ୍ମାରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି। ଏ ବର୍ଷ ଏହି ଦିବସ ପାଳନର ପ୍ରସଙ୍ଗ ହେଉଛି ‘ରାଜଯକ୍ଷ୍ମାର ଲୋପ ପାଇଁ ବିନିଯୋଗ କରନ୍ତୁ। ଜୀବନ ବଞ୍ଚାନ୍ତୁ’। ଏହି ପ୍ରସଙ୍ଗ ମାଧ୍ୟମରେ ରାଜଯକ୍ଷ୍ମାର ନିରାକରଣ ଲାଗି ବିନିଯୋଗ ଓ ସମ୍ବଳର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଉଛି। କାର୍ଯ୍ୟକ୍ରମକୁ ରଶ୍ମିରଞ୍ଜନ ମହାପାତ୍ର, ବାସୁଦେବ ସାହୁ, ବ୍ରଜ କିଶୋର ବେହେରା, ବିକ୍ରମ ମଲ୍ଲିକ, ଭିକାରୀ ରାଉତ, ବେଣୁଧର ବେହେରା, ସତ୍ୟବ୍ରତ କର, ବଳରାମ ପ୍ରଧାନ, ଅତିସ ସିଲ, ମିହିର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ସହରର ବିଭିନ୍ନ ଅଞ୍ଚଳରେ ରହୁଥିବା ଅସହାୟ ରୋଗୀ ମାନଙ୍କୁ ଖାଦ୍ୟ ପ୍ୟାକେଟ, ସାନିଟାଇଜର, ମାକ୍ସ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା।

# ଜଗତସିଂହପୁର ବାର୍‌ର ସଭାପତି ପ୍ରମୋଦ କୁମାର ସ୍ୱାଇଁ, ସମ୍ପାଦକ ନଳିନୀ ରଞ୍ଜନ ମହାପାତ୍ର



**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜିଲ୍ଲା ଓକିଲ ସଂଘ,ଜଗତସିଂହପୁରର ସାଧାରଣ ନିର୍ବାଚନରେ ପ୍ରମୋଦ କୁମାର ସ୍ୱାଇଁ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ସୁବ୍ରତ ଶତପଥିଙ୍କୁ ୧୬ ଖଣ୍ଡ ଭୋଟରେ ପରାସ୍ତ କରିଥିବା ବେଳେ ସଂପାଦକ ଭାବେ ନଳିନୀ ରଞ୍ଜନ ମହାପାତ୍ର ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ପ୍ରସନ୍ନ କୁମାର ମହାନ୍ତିଙ୍କୁ ୪୮ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି । ଯୁଗ୍ମ ସମ୍ପାଦକ ଭାବେ ଯୁଗପ୍ରଭା ଲେଙ୍କା ତାଙ୍କ ପ୍ରତିଦ୍ୱନ୍ଦି ତନ୍ମୟ କୁମାର ମହାନ୍ତିଙ୍କୁ ୩୫ଖଣ୍ଡ ଭୋଟ୍ ରେ ପରାସ୍ତ କରିଛନ୍ତି । ପୂର୍ବରୁ ଉପସଭାପତି ଭାବେ ପ୍ରତାପ କୁମାର ବରାଳ ଓ କୋଷାଧ୍ୟକ୍ଷ ଭାବରେ ଅଲେଖ ଚରଣ ବାରିକ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହୋଇଥିବା ବେଳେ ପରିଚାଳନା କମିଟି ସଦସ୍ୟା ଭାବରେ କସ୍ତୁରୀ ପ୍ରିୟଦର୍ଶିନୀ ମଲ୍ଲ ମଧ୍ୟ ଅପ୍ରତିଦ୍ୱନ୍ଦୀ ଭାବେ ବିଜୟୀ ହୋଇଥିଲେ । ଅନ୍ୟ ପରିଚାଳନା କମିଟି ସଦସ୍ୟ ଭାବେ ଅନିରୁଦ୍ଧ ସାବତ, ଅଞ୍ଜନ କୁମାର ପଣ୍ଡା, ପର୍ଶୁରାମ ରାଉତ,ବିନୟ କୁମାର ସ୍ୱାଇଁ, ପ୍ରକାଶ ଚନ୍ଦ୍ର ରାୟ ଓ ରୁଦ୍ରନାରାୟଣ ନାୟକ ବିଜୟ ଲାଭ କରିଛନ୍ତି । ମୋଟ ୩୦୫ ବୈଧ ଭୋଟ୍ ହୋଇଥିଲା । ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବି ଶ୍ରୀକାନ୍ତ ନନ୍ଦ ନିର୍ବାଚନ ପରିଚାଳନା କରିଥିବା ବେଳେ ଆଇନଜୀବି ସୌରୀପ୍ରସାଦ ସ୍ୱାଇଁ, ଘନଶ୍ୟାମ ଶତପଥି, ପାର୍ଥସାରଥୀ ଦାସ,ରବିନ୍ଦ୍ର କୁମାର ସ୍ୱାଇଁ ,ଯଦୁମଣି ବିଶ୍ୱାଳ ଓ ଶେଖ୍ ଖୁର୍ସିଦ୍ ଅଲ୍ଲୀ ତାଙ୍କୁ ସହଯୋଗ କରିଥିଲେ ।

# ଦି’ବ୍ରେନ୍ ଅନୁଷ୍ଠାନ ପକ୍ଷରୁ ‘କୋଭିଡ଼-୧୯’ ପୁସ୍ତକ ଲୋକାର୍ପଣ



**ବାଦାମବାଡି(ସଂପର୍କବାର୍ତ୍ତା):-** ମହାମାରୀ କରୋନାର ପ୍ରକୋପ କମି ଥିବାବେଳେ ବିଶ୍ୱରେ କିଛି ଦେଶରେ ଏହାର ପ୍ରାଦୁର୍ଭାବ ରହିଛି। ତେବେ କରୋନାର ବିଲୟ ହୋଇନାହିଁ ଏହା ସବୁଦିନ ପାଇଁ ରହିବ ତେଣୁ ଏ ନେଇ ସ୍ୱାସ୍ଥ୍ୟ ସଚେତନତା, ସତର୍କତା ଓ ନିଜ ସହ ପରିବାର ଓ ଆଖପାଖର ମଣିଷ ମାନଙ୍କ ପାଇଁ ପ୍ରେରଣା ଜରୁରୀ ବୋଲି ମତ ପ୍ରକାଶ ପାଇଛି। କଟକ ପୁରୀଘାଟ ରୋଡ଼ସ୍ଥିତ ସ୍ୱାସ୍ଥ୍ୟ ସମାଜ ସେବକ ସଂଗଠନ ଦି’ବ୍ରେନର ସଂଯୋଜନାରେ ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ତଥା ଯୁବ ମାନସିକ ରୋଗ ବିଶେଷଜ୍ଞ ସମାଜ ସେବକ ଡାକ୍ତର ସମ୍ରାଟ କରଙ୍କ ସମ୍ପାଦନାରେ ଏହି ପୁସ୍ତକରେ ଅଭିମତ ପ୍ରଦାନ କରିଛନ୍ତି ପୂର୍ବତନ ନିର୍ଦ୍ଦେଶକ ଭେଷଜ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ଡାକ୍ତର ସି.ବି.କେ ମହାନ୍ତି। କାର୍ଯ୍ୟକ୍ରମକୁ ପୂର୍ବତନ ଭାରତୀୟ ମାନସିକ ଚିକିତ୍ସକ ସଂଘର ସଭାପତି ତଥା ପୂର୍ବତନ ଡିଏମଇଟି ଡାକ୍ତର ଗୋପାଳ ଚନ୍ଦ୍ର କର ଓ ଡକ୍ଟର ଗାୟତ୍ରୀ ଦେବୀ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଇଞ୍ଜିନିୟର ନୀଳାମ୍ବର ମିଶ୍ର, ସମାଜ ସେବିକା ଶାନ୍ତିଲତା ମିଶ୍ର, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡାକ୍ତର ଶୁଭଶ୍ରୀ ମିଶ୍ର, ଆଇନଜୀବୀ ସମ୍ବିତ କର, ରାଧାମୋହନ ସାହୁ, ନିରଞ୍ଜନ ଡାଲୁଆ, ବିକ୍ରମ ମଲ୍ଲିକ, ମିହିର କୁମାର ସ୍ୱାଇଁ, ସୁକାନ୍ତି ଲେଙ୍କା, ବଳରାମ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ସୂଚନା ଥାଉକି ଡାକ୍ତର ସମ୍ରାଟ କରଙ୍କ ସମ୍ପାଦିତ ଏହି ପୁସ୍ତକରେ ଡା. ଗୋପାଳ ଚନ୍ଦ୍ର କର, ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଡା.ସିଦ୍ଧାର୍ଥ ଦାସ, ଡା.ବାଳକୃଷ୍ଣ କୁଅଁର, ଡା.ଇନ୍ଦୁଭୂଷଣ କର, ଡା. ଜୟନ୍ତ କୁମାର ପଣ୍ଡା, ଡା. ନିରଞ୍ଜନ ତ୍ରିପାଠୀ, ଡା. ମାୟାଗନ୍ତାୟତ, ଡା. ହରିଭକ୍ତି ସେବାଦାସ, ଡା. ତନ୍ମୟିନୀ ଦାସ, ଡା. ଲୁସି ପଟ୍ଟନାୟକ, ଡା. ଅନୁରାଗ ମଶ୍ର, ଡା. ଶୁଭଶ୍ରୀ ମିଶ, ଡା. ଅଶ୍ରୁମୋଚନ ସାହୁ, ଡା. ପ୍ରଦୀପ ରାଓ ପ୍ରମୁଖଙ୍କ ଲେଖା ପ୍ରକାଶିତ ହୋଇଛି ଏବଂ ଶେଷରେ ସାଂସଦ ତଥା ପ୍ରଜାତନ୍ତ୍ରର ସଂପାଦକ ଭର୍ତ୍ତୃହରି ମହତାବଙ୍କ ଦ୍ୱାରା ଲିଖିତ ‘ପଳାୟନ ଯୋଗୁଁ ବିପତ୍ତି’ ପ୍ରକାଶ ପାଇଛି। ଏହା ପୂର୍ବରୁ ଡାକ୍ତର ସମ୍ରାଟ କରଙ୍କ ଦ୍ୱାରା ଲିଖିତ ‘ମନରେ ଅଛି କ’ଣ ?’, ‘ନୋ ୟୋର ମାଇଂଣ୍ଡ’, ‘ମନ କଥା ଜାଣନ୍ତୁ’ ପ୍ରକାଶିତ ହୋଇ ସର୍ବଭାରତୀୟ ସ୍ତରରେ ଏହା ଇଂରାଜୀ ଓ ହିନ୍ଦୀରେ ଅନୁବାଦିତ ହୋଇ ବେଷ୍ଟ ସେଲର ପୁସ୍ତକ ଭାବେ ପ୍ରଚୁର ପାଠକୀୟ ଆଦୃତ୍ତି ପାଇଛି। କରୋନା ପରି ଏକ ଭୟାବହ ମହାମାରୀ ରୋଗ ସମ୍ପର୍କରେ ଡାକ୍ତର କରଙ୍କ ସମ୍ପାଦିତ ପୁସ୍ତକ ପାଇଁ ବିଭିନ୍ନ ଅନୁଷ୍ଠାନ, ସମାଜ ସେବୀ ଓ ବ୍ୟକ୍ତିବିଶେଷ ସାଧୁବାଦ ଜଣାଇଛନ୍ତି।

# ଅଜାତଶତ୍ରୁ ଥିଲେ ସାମ୍ବାଦିକ ଅଜୟ କୁମାର ଜେନା




**ଜଗତସିଂହପୁର(ସଂପର୍କବାର୍ତ୍ତା):-** ବରିଷ୍ଠ ତଥା ଆଦର୍ଶ ସାମ୍ବାଦିକ ଅଜୟ କୁମାର ଜେନା ଙ୍କ ବିୟୋଗରେ ଆଜି ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଅନୁଷ୍ଠିତ ଏହି ସଭାରେ ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ସଭାପତିତ୍ୱ କରି ସ୍ୱର୍ଗତ ଅଜୟ ଜେନା ଅଜାତଶତ୍ରୁ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ସରୋଜ ନାୟକ, ରମେଶ ଚନ୍ଦ୍ର ମହାନ୍ତି, ଆଇନିଜୀବୀ ଯୋଗଜନ୍ମା ଚାନ୍ଦ, ବରିଷ୍ଠ ନାଗରିକ ନିତ୍ୟାନନ୍ଦ ପଣ୍ଡା, ଭଗବାନ ଖୁଣ୍ଟିଆ, ରବୀନ୍ଦ୍ର କୁମାର ରାଉତ, ବୀରକିଶୋର ଦାସ, ନବନିର୍ମାଣ କୃଷକ ସଙ୍ଗଠନ ର ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କର ବହୁବିଧ ପ୍ରତିଭାର ଗୁଣଗାନ କରିଥିଲେ। ଏପରିକି ତାଙ୍କର କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କ ପରି ଜଣେ ସରଳ ଓ ଆମାୟିକ ମଣିଷ କୁ ହରାଇ ଆମେ ସମସ୍ତେ ମର୍ମାହତ ବୋଲି ସମସ୍ତ ବକ୍ତା ମାନେ କହିଥିଲେ। ସଭାର ପ୍ରାରମ୍ଭରେ ସ୍ୱର୍ଗତ ଜେନାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ସାମ୍ବାଦିକ ତପନ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗତସିଂହପୁର ୭ନଂ ୱାର୍ଡରେ ବାଜିମାରିଲେ ସ୍ୱାଧୀନ ପ୍ରାର୍ଥୀ



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଆଜି ଜଗତସିଂହପୁର ଜିଲାରେ ଜଗତସିଂହପୁର ପୌର ପରିଷଦ ର ଭୋଟ ଗଣତି କରାଯାଇଥିଲା।ଏହି ଗଣତି ସକାଳ ୮ଟାରୁ ଆରମ୍ଭ ହୋଇଥିଲା । ତେବେ ଜଗତସିଂହପୁର ପୌର ପରିଷଦର ସାତ ନମ୍ବର ୱାର୍ଡ ରେ ଛଅ ଜଣ ପାରିଷଦ ପ୍ରାଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ।ସାତ ନମ୍ବର ୱାର୍ଡ ର ପରିବର୍ତ୍ତନ ପାଇଁ ସ୍ୱାଧୀନ ପ୍ରାଥୀ ଭାବେ ଗୋଲାମ ଅଲ୍ଲୀ ଖାଁ ଲଢ଼େଇ ରେ ସାମିଲ ହୋଇଥିଲେ।ତେବେ ସାତ ନମ୍ବର ୱାର୍ଡ ର ଫଳାଫଳ ସ୍ୱାଧୀନ ପ୍ରାଥୀଙ୍କ ସପକ୍ଷରେ ଯାଇଥିଲା।ସ୍ୱାଧୀନ ପ୍ରାଥୀ ଗୋଲାମ ଅଲ୍ଲୀ ଖାଁ କଂଗ୍ରେସ, ବିଜେଡି, ଆପ ପ୍ରାଥୀଙ୍କୁ ପରାସ୍ତ କରି ବାଜିମାତ କରିଥିଲେ।ତେବେ ସାତ ନମ୍ବର ୱାର୍ଡ ର ସ୍ୱାଧୀନ ପ୍ରାର୍ଥୀ ବିଜୟ ହେବା ପରେ ଏକ ବିଜୟ ଶୋଭାଯାତ୍ରା କରି ୱାର୍ଡ ପରିକ୍ରମା କରିଥିଲେ।ଗୋଲାମ ଅଲ୍ଲୀ ଖାଁ ବିଜୟ ହେବା ପରେ ବିଜୟ ର ଶ୍ରେୟ ସାତନମ୍ବର ୱାର୍ଡ ବାସୀଙ୍କୁ ଦେଇଛନ୍ତି।

# ପାରାଦୀପ ଇଫକୋ ୟୁନିଟ୍‌ର ରେକର୍ଡ




**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ଚଳିତ ୨୦୨୧-୨୨ ବର୍ଷ ପାଇଁ ଫସ୍‌ଫରିକ୍ ଏସିଡ୍ ଉତ୍ପାଦନ କ୍ଷେତ୍ରରେ ପାରାଦୀପ ଇଫକୋ ପାରାଦୀପ ୟୁନିଟ୍ ରେକର୍ଡ ସୃଷ୍ଟି କରିଛି । ପ୍ରତିଦିନ ୨୬୫୦ ଟନ୍ ଫସଫେଟ୍ ପାରାଦୀପ ଇଫକୋ ୟୁନିଟ୍ ରେ ଉତ୍ପାଦନ ହେଉଥିବା ନେଇ ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସୂଚନା ମିଳିଛି । ସମଗ୍ର ବିଶ୍ୱରେ ଗୋଟିଏ ୟୁନିଟ୍ ରେ ରେକର୍ଡ ସଂଖ୍ୟକ ୮୦୫,୦୦୦ ଟନ୍ ଫସ୍‌ଫରିକ୍ ଏସିଡ୍ ଉତ୍ପାଦନ କରି ଇଫକୋ ପାରାଦୀପ ୟୁନିଟ୍ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି । ଏହା ଦ୍ୱାରା ଡିଏପି,ଏନ୍.ପି.ଏସ୍. ଉତ୍ପାଦନ କ୍ଷେତ୍ରରେ ସହାୟକ ହେବ । ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତର ମାର୍ଗଦର୍ଶନ ଆଧାରରେ ଇଫକୋ ନିଜକୁ ସ୍ୱାବଲମ୍ବନ କରିପାରିଛି । ଏହି ସଫଳତା ହାସଲ ମହାମାରୀ କୋଭିଡ୍-୧୯ ସମୟରେ ସମଗ୍ର ଦେଶରେ ସାରର ଆବଶ୍ୟକତାକୁ ଉପଲବ୍ଧି କରି ଇଫକୋ ସାର ଉତ୍ପାଦନକୁ ଗୁରୁତ୍ୱ ଦେଇଥିଲା । ସମ୍ପ୍ରତି ଚଳିତ ମାର୍ଚ୍ଚ ମାସରେ ଦିଲ୍ଲୀର ବିଜ୍ଞାନ ଭବନରେ ଇଫକୋ ପାରାଦୀପ ୟୁନିଟ୍ କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଚଳିତ ବର୍ଷ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପାରାଦୀପ ଇଫକୋ ୟୁନିଟ୍ କୁ ଅନେକ ପୁରସ୍କାର ହାସଲ କରିପାରିଛି । ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥା ପକ୍ଷରୁ ଇଫକୋକୁ ଅନେକ ସମ୍ମାନ ପ୍ରଦାନ କରାଯାଇଛି ।

# ଟ୍ରଲିରେ ଆସିଲେ ୧୨୦ବର୍ଷିୟା ଭୋଟର





**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଭୋଟର ଦେବା ପାଇଁ ଟ୍ରଲି ଭଡା କରି ଆସିଥିଲେ ୧୨୦ବର୍ଷର ମହିଳା ଭୋଟର ଭାବମଣି ବେହେରା।ଭୁବନେଶ୍ୱର ୟୁନିଟ୍-୨ବସ୍ତିର ବାସିନ୍ଦା ଭାବମଣି ବୟସର ଅପରାହ୍ନରେ ଉପନୀତ ହୋଇ ମଧ୍ୟ ଆଗ୍ରହର ସହ ଗଣତନ୍ତ୍ରର ମହାନ୍ ପର୍ବରେ ସାମିଲ ହୋଇ ୟୁନିଟ -୨ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ମତଦାନ ସାବ୍ୟସ୍ତ କରିଛନ୍ତି। ସେ ଭଲରେ ଚାଲି ପାରୁ ନଥିଲେ କି ଠିକ୍ ଭାବେ କଥା କହି ପାରୁ ନଥିଲେ ତେବେ ସହରରେ ମତଦାନ ହାର କମ୍ ରହୁଥିବାବେଳେ ବୟସର ଅପରାହ୍ନରେ ପହଂଚିବା ଭାବମଣି ଭୋଟ ଦେବାକୁ ଯେଉଁ ପ୍ରୟାସ କରିଛନ୍ତି, ତାହା ନିଶ୍ଚିତ ଅନ୍ୟମାନଙ୍କ ପାଇଁ ଉଦାହରଣ।

# କାନ୍ଦିଲେ ୮୮ବର୍ଷିୟା ବୃଦ୍ଧା, ଏହା ମୋର ଶେଷ ଭୋଟ୍




**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭୁବନେଶ୍ୱର ମହାନଗର ନିଗମ ଓାର୍ଡ ନଂ ୪୯ଅନ୍ତର୍ଗତ ଆଇଗିଣିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଥ୍ ନଂ ୫୦୯ରେ ଗୁରୁବାର ମତଦାନ କରିଛନ୍ତି ୮୮ବର୍ଷିକ ବୃଦ୍ଧା ଅନ୍ନପର୍ଣ୍ଣା ଦାସ ତେବେ ସେ ଭୋଟ ଦେଇ ଯେମିତିକି ଖୁସି ଓ ଭାବବିହ୍ବଳ ଥିଲେ ଅଭିନେତା ସବ୍ୟସାଚୀ ତାଙ୍କ ସହ କଥା ହେବା ପରେ ସେ ଆହୁରି ଉତ୍ସାହିତ ହୋଇପଡିଥିଲେ। ଏହି ସମୟରେ ଅନ୍ନପୂର୍ଣ୍ଣା କହିଛନ୍ତି ଏହା ମୋର ଜୀବନର ଶେଷ ଭୋଟ। ତେଣୁ ମୁଁ ମୋ ମତ ସାବ୍ୟସ୍ତ କରି ଖୁସି ଅଛି ଶେଷ ମତଦାନ ବୋଲି ସେତିକି ଦୁଃଖ କରୁଛି। କାରଣ ମୁଁ ମୋ ଦେଶକୁ ଭଲ ପାଏ। ପୁଣି ଏଠାରେ ଏଇ ଦେଶରେ ଜନ୍ମହୋଇ ମୁଁ ମୋର ମତସାବ୍ୟସ୍ତ କରିବି ବୋଲି କହି କାନ୍ଦି ପକାଇଥିଲେ।

# ପଞ୍ଚମଶ୍ରେଣୀ ବୃତ୍ତିପରୀକ୍ଷାରେ ସୌମ୍ୟ ଓ ବିଶ୍ୱ



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ୨୦୨୧-୨୨ପଞ୍ଚମ ଶ୍ରେଣୀ ବୃତି ପରୀକ୍ଷାରେ ଜଗତସିଂହପୁର ବ୍ଲକ ପଳସା ଠାରେ ଥିବା ଅରବିନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଫଳତା । ଅରବିନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଳସାର ଛାତ୍ର ସୌମ୍ୟ ରଞ୍ଜନ ସାହୁ ପିତା କୃତିବାସ ସାହୁ ଓ ମାତା. ସତ୍ୟଭାମା ସାହୁ , ଛାତ୍ରୀ. ବିଶ୍ୱରୂପା ବିଶ୍ୱାଳ ପିତା ବିଶ୍ୱନାଥ ବିଶ୍ୱାଳ ମାତା ଝରଣା ବିଶ୍ୱାଳ ଚଳିତ ୨୦୨୧-୨୨ଶିକ୍ଷାବର୍ଷ ରେ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଜଗତସିଂହପୁର ବ୍ଲକରେ ଯଥାକ୍ରମେ ଦ୍ୱିତୀୟ ଓ ଚତୁର୍ଥ ସ୍ଥାନ ସଫଳତାର ସହ ଅର୍ଜନ କରିଅଛନ୍ତି।ଛାତ୍ର ଛାତ୍ରୀ ଦ୍ୱୟ ନିଜ ସଫଳତାର ଶ୍ରେୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ,ପିତା ମାତାଙ୍କ ଆଶ୍ରିବାଦ ଓ କଠିନ ପରିଶ୍ରମ ଯୋଗୁ ସମ୍ଭବ ବୋଲି କହିଛନ୍ତି।ବିଦ୍ୟାଳୟ ଏହି ଦୁଇ ଛାତ୍ର ଛାତ୍ରୀ ଙ୍କୁ ପାଇ ଗର୍ବିତ।

RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ


# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮



ADVERTISEMENT TARIFF

| | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |



### କ୍ୟାମେରାମ୍ୟାନ୍ ମାନସ ସାଇଁ ହତ୍ୟା ମାମଲା

## ଜାଗା ବଦଳାଉଛନ୍ତି ଶର୍ମିଷ୍ଠା, ଫୋନ୍ ବ୍ୟବହାର କରୁନାହାଁନ୍ତି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ୍ ମାନସ ସାଇଁ ହତ୍ୟା ମାମଲାର ୩୮ଦିନ ପରେ ତଦନ୍ତ ଭାର କ୍ରାଇମ୍‌ବ୍ରାଞ୍ଚ ହାତକୁ ଯାଇଛି। ତେବେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶର୍ମିଷ୍ଠା ମିଳୁ ନ ଥିବା ବେଳେ ତାଙ୍କୁ ଠାବ ପାଇଁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ସମସ୍ତ ପ୍ରୟାସ ଆରମ୍ଭ କରିଦେଇଛି। ଗୋଟିଏ ଟିମ୍ ବାହାରକୁ ଯାଇଛି। ମିଳୁଥିବା ସୂଚନା ଅନୁସାରେ, ଶର୍ମିଷ୍ଠା ତାଙ୍କ ସହଯୋଗୀ ଝୁନା ଭୋଇଙ୍କୁ ନେଇ ଗୋଟିଏ ପରେ ଗୋଟିଏ ସ୍ଥାନ ବଦଳାଇ ଚାଲିଛନ୍ତି। ଉଭୟ ବୁଲୁଥିଲେ ବି ମୋବାଇଲ୍ ଫୋନ୍ ବ୍ୟବହାର କରୁନଥିବାରୁ ସେମାନଙ୍କ ପତ୍ତା ମିଳିବା କଷ୍ଟକର ହୋଇପଡୁଛି। ତେବେ କ୍ରାଇମ୍‌ବ୍ରାଞ୍ଚର ଅନ୍ୟ ଏକ ଟିମ୍ ଭଦ୍ରକରେ ପହଞ୍ଚି ଏସ୍‌ପିଙ୍କ ସହ କେସ୍ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି।

ଶର୍ମିଷ୍ଠାଙ୍କୁ ଠାବ କରିବାକୁ ଉଦ୍ୟମ ଭିତରେ ତାଙ୍କୁ ନେଇ ଅନେକ ରୋଚକ ତଥ୍ୟ ସାମ୍ନାକୁ ଆସୁଛି। ତଦନ୍ତକାରୀ ଟିମ୍ ଆଶ୍ରମ ଭିତରୁ ଏକ ଡାଏରି ଜବତ କରିଛି। ଯେଉଁଥିରେ ଅନେକ ବଡବଡିଆଙ୍କ ନାଁ ରହିଛି। ଡାଏରିରେ ଥିବା ବ୍ୟକ୍ତିଙ୍କ ବାବଦରେ ତଥ୍ୟକୁ ନେଇ ଅନୁସନ୍ଧାନ କରାଯିବ। ସେହିଭଳି ଆଶ୍ରମ ରେଜିଷ୍ଟରରେ ଯେଉଁ ବ୍ୟକ୍ତିମାନେ ଆସିଥିବା ନେଇ ତଥ୍ୟ ରହିଛି, ସେମାନଙ୍କୁ ମଧ୍ୟ ଶର୍ମିଷ୍ଠାଙ୍କ ସହ ସମ୍ପର୍କ ନେଇ ପଚରାଉଚରା କରିପାରେ ପୋଲିସ୍। କିଏ କେଉଁ ଉପାୟରେ ଶର୍ମିଷ୍ଠାଙ୍କୁ ଅନୁକମ୍ପା ଦେଖାଇଥିଲେ ? କାହିଁକି ଆସୁଥିଲେ ସେସବୁର ତଦନ୍ତ କରିବ କ୍ରାଇମ୍‌ବ୍ରାଞ୍ଚ। ଏହାକୁ ନେଇ ବଡବଡିଆ ଡରରେ ଥରହର। ସେହିପରି ଶର୍ମିଷ୍ଠାଙ୍କ ସୋସିଆଲ୍ ମିଡିଆରେ ବିଶେଷ କରି ଫେସ୍‌ବୁକ୍ ବନ୍ଧୁଙ୍କ ସଂଖ୍ୟା କମିବାରେ ଲାଗିଛି। ଯେହେତୁ ତଦନ୍ତ କ୍ରାଇମ୍‌ବ୍ରାଞ୍ଚ ହାତକୁ ଯାଇଛି। ମେସେଞ୍ଜରରେ ଚାଟିଂକୁ



ନେଇ ତଦନ୍ତ ହୋଇପାରେ। କେଉଁମାନେ ତାଙ୍କ ସହ ଚାଟିଂ କରୁଥିଲେ ? ଯେଉଁମାନଙ୍କ ଚାଟିଂକୁ ନେଇ ସନ୍ଦେହ ହେବ ସେମାନଙ୍କୁ ଜେରା ବି କରାଯାଇପାରେ। ତେଣୁ ଭୟରେ ଲୋକ ଶର୍ମିଷ୍ଠାଙ୍କ ଠାରୁ ଦୂରେଇବାରେ ଲାଗିଛନ୍ତି।

ପୂର୍ବାହ୍ନରେ କ୍ରାଇମ୍‌ବ୍ରାଞ୍ଚର ଟିମ୍ ଭଦ୍ରକରେ ପହଞ୍ଚିବା ପରେ ଏସ୍‌ପି ଚରଣ ସିଂ ମୀନାଙ୍କ ସହିତ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ପରେ ଅପରାହ୍ନ ପ୍ରାୟ ସାଢେ ୩ଟାରେ ଚାନ୍ଦବାଲି ଥାନାରେ ପହଞ୍ଚିଥିଲା ଟିମ୍। ତେବେ ପୋଲିସ୍ ପୌର ନିର୍ବାଚନ ପାଇଁ ବ୍ୟସ୍ତ ଥିବାରୁ କ୍ରାଇମ୍‌ବ୍ରାଞ୍ଚ ଟିମ୍‌ର ସଦସ୍ୟମାନେ ବନ ବିଭାଗର ଗେଷ୍ଟହାଉସ୍ ଅରଣ୍ୟନିବାସକୁ ଚାଲି ଯାଇଥିଲେ। ରାତି ୯ଟାରେ ଚାନ୍ଦବାଲି ଏସ୍‌ଡିପିଓ ଦେବୀଶଙ୍କର ପ୍ରତାପ, ମାମଲାର ତଦନ୍ତକାରୀ ଅଧିକାରୀ ଚାନ୍ଦବାଲି ଥାନା ଆଇଆଇସି କରୁଣାକର ରାଉତଙ୍କଠାରୁ ଘଟଣା ସଂପର୍କରେ ଟିଖିନିଖି ପଚାରି ବୁଝିବା ସହିତ ପୋଲିସ୍ ଠାରୁ ତଥ୍ୟ ପ୍ରମାଣ, ଗିରଫ ଅଭିଯୁକ୍ତମାନଙ୍କର ରେକର୍ଡ ହୋଇଥିବା ବୟାନ, ସାଇଣ୍ଟିଫିକ୍ ରିପୋର୍ଟ, ବ୍ୟବଚ୍ଛେଦ ରିପୋର୍ଟ ସହିତ ତଦନ୍ତ ପ୍ରକ୍ରିୟାରେ ଜଡିତ ସମସ୍ତ କାଗଜପତ୍ର ନିଜ ହେପାଜତକୁ ନେଇଥିଲେ। ବିଶ୍ୱସ୍ତ ସୂତ୍ରରୁ ଯାହା ଜଣାପଡିଛି ଚାନ୍ଦବାଲିରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ରାତ୍ରିଯାପନ କରିବା ପରେ ଆସନ୍ତାକାଲି ମାନସଙ୍କୁ ଅପହରଣ କରାଯାଇଥିବା ସ୍ଥାନ ନାଲଗୁଣ୍ଡା ପଞ୍ଚାୟତ ପଳାଶପୁରକୁ ଯାଇ ସେହିଠାରୁ ତଦନ୍ତ ଆରମ୍ଭ କରିବେ। ଏହି ଟିମ୍‌ରେ ଇନ୍‌ସ୍ପେକ୍ଟର ବିଶ୍ୱପ୍ରକାଶ ରାଉତ, ସବ୍‌ଇନ୍‌ସ୍ପେକ୍ଟର ପ୍ରଭୁଦତ୍ତ ବାରିକ, ଏଏସ୍‌ଆଇ ତନୁଶ୍ରୀ ନାୟକ ଓ ଆଶୁତୋଷ ପ୍ରଧାନ ରହିଛନ୍ତି।

## ରାଜଧାନୀ ରାସ୍ତା କଡରେ ପଡିଛି ନରକଙ୍କାଳ ପୋଲିସ୍‌ର ତଦନ୍ତ ଜାରି




**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜଧାନୀ ରାସ୍ତା କଡରେ ପଡିଛି ନରକଙ୍କାଳ। ଭୁବନେଶ୍ୱର ପଟିଆ କଳାରାହାଙ୍ଗ ଅଞ୍ଚଳରୁ ଏକାଧିକ ଖପୁରୀ ଜବତ। କଳାରାହାଙ୍ଗର ଏକ ପୋଲ ତଳୁ ଏହି ଖପୁରୀ ଓ କିଛି ହାଡ ମିଳିଛି। ପାଖାପାଖି ୭ଟି ଖପୁରୀ ସହ ବହୁ ହାଡ ପଡିଥିବା ଦେଖିବାକୁ ମିଳିଛି। ଏହି ଖବର ପ୍ରଚାରିତ ହେବା ପରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳି ଯାଇଛି। ହଠାତ୍ ଏତେ ସଂଖ୍ୟାରେ କଙ୍କାଳ ଓ ଖପୁରୀ କେଉଁଠୁ ଓ କିପରି ଆସିଲା, କିଏ ଏଠାରେ ଫୋପାଡିଲା, ଏହା ପଛର କାରଣ କ'ଣ ତାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ଏହାକୁ ନେଇ ପୋଲିସ୍‌ର କୌଣସି ପ୍ରତିକ୍ରିୟା ମିଳିପାରିନି।

## ଜୟପୁରବାସୀଙ୍କୁ ମୁଣ୍ଡିଆ ମାରିଲେ ବିଧାୟକ ତାରାବାହିନୀ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ପୌର ଫଳାଫଳ ନେଇ ଜୟପୁରବାସୀଙ୍କୁ ହାତଯୋଡି ଧନ୍ୟବାଦ ଦେଲେ କଂଗ୍ରେସ ବିଧାୟକ ତାରା

**ପୌରାଧ୍ୟକ୍ଷ କଂଗ୍ରେସର ଜବରଦସ୍ତ ବିଜୟ**

ବାହିନୀପତି। କଂଗ୍ରେସ ପ୍ରାର୍ଥୀଙ୍କୁ ଜୟପୁର ଚେୟାରମ୍ୟାନ୍ ପଦରେ ବସାଇଥିବାରୁ ଜୟପୁରବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି କଂଗ୍ରେସର ହେଭିଓ୍ୱେଟ୍ ତାରା ବାହିନୀପତି। ହାତଯୋଡି କହିଲେ, ଏଥର ବିକାଶକୁ ମିଳିମିଶି ଆଗକୁ ଚଲାଇବା, ମୋର କଂଗ୍ରେସ ପ୍ରାର୍ଥୀ ନରେନ୍ଦ୍ରକୁମାର ମହାନ୍ତିଙ୍କୁ ୫ ହଜାରରୁ ଅଧିକ ଭୋଟରେ ବିଜୟୀ କରାଇଥିବାରୁ ମୁଁ ସାରାଦିନ ଆପଣଙ୍କ



ପାଖରେ ଚିରଋଣୀ ହୋଇ ରହିବି। ତାରା ଆହୁରି ମଧ୍ୟ କହିଛନ୍ତି କି, ଏହା ମୋର ବିଜୟ ନୁହେଁ। ଏ ବିଜୟ ଧର୍ମର ଆଉ ଜୟପୁରବାସୀଙ୍କର ବିଜୟ। ତେଣୁ ଏଥର ଆମେ ଏହି ବିକାଶଧାରାକୁ ମିଳିମିଶି ଆଗକୁ ନେବା ଆଉ ଆପଣମାନଙ୍କ ଆଶୀର୍ବାଦ ଓ ଭଲପାଇବା ମୋ ପ୍ରତି ଏମିତି ରହିଥାଉ ବୋଲି ଭାବୁକ ହୋଇ କହିଛନ୍ତି ତାରା ବାହିନୀପତି।

### ନିର୍ବାଚନ ମାମଲା...

## ଟାହିଟାପରାରେ ସ୍ୱାମୀ–ସ୍ତ୍ରୀଙ୍କ ଆତମହତ୍ୟା

**ଭଦ୍ରକ(ସଂପର୍କବାର୍ତ୍ତା):-** ଧାରଣାରୁ ଓହରିଲେ ପରାଜିତ ପ୍ରାର୍ଥୀନୀଙ୍କ ପରିବାର ଲୋକ । ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପାଇବା ପରେ ଧାରଣରୁ ଓହରିଛନ୍ତି ସୁମତୀଙ୍କ ଲୋକ । ଆମେ କହୁଛୁ ଭଦ୍ରକ ବାସୁଦେବପୁର ଅଂଚଳର ସୁମତୀ ପରିଡା ଓ ତାଙ୍କ ସ୍ୱାମୀଙ୍କ କଥା। ଉଭୟ ସ୍ୱାମୀ-ସ୍ତ୍ରୀ ଆତ୍ମହତ୍ୟା କରିଛନ୍ତି। ସୁମତୀ ପ୍ରାର୍ଥୀ, ଉଭୟ ସ୍ୱାମୀ –ସ୍ତ୍ରୀଙ୍କୁ ଟାହିଟାପରା କରିଥିଲେ। ସେହି ଟାହିଟାପରା ବା ପରିହାସ ସହି ନପାରି ସ୍ୱାମୀ-ସ୍ତ୍ରୀ ଆତ୍ମହତ୍ୟା କରିଥିଲେ। ପ୍ରଥମେ ୧୩ତାରିଖରେ ସ୍ୱାମୀ ରମାକାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ଗତକାଲି ଅସୁସ୍ଥ ଥିବା ପତ୍ନୀ ସୁମତୀ ପରିଡାଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଛି।

ତେବେ ସେମାନଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ତାଙ୍କ ପରିବାର ଲୋକ ଏମିତିକି ଥାନା ସମ୍ମୁଖରେ ଗତକାଲିଠାରୁ ସୁମତୀଙ୍କ ମୃତଦେହ ରଖି ଧାରଣାରେ ବସିଥିଲେ।





ହେଲେଲ ଆଜି ପୋଲିସ ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯେ , ଯେଉଁମାନେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଛନ୍ତି ସେମାନେ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସେମାନଙ୍କ ସୁମତୀଙ୍କ ପରିବାର ଲୋକଙ୍କ ଅଭିଯୋଗ ଯେ, ନିର୍ବାଚନରେ ସମୁତୀ ପରାଜିତ ହେବା ତାଙ୍କୁ ବିଜୟୀ ପ୍ରାର୍ଥୀ ଓ ତାଙ୍କର କିଛି ସମର୍ଥକ ଟାହିଟାପରା କରିଥିଲେ। ଏହାସହ ଅନେକ ଅପମାନ ମଧ୍ୟ ସୁମତୀଙ୍କ ପରିବାର ଲୋକଙ୍କ ଅଭିଯୋଗ ଯେ ନିର୍ବାଚନରେ ସୁମତୀ ପରାଜିତ ହେବା ପରେ ତାଙ୍କୁ ବିଜୟୀ ପ୍ରାର୍ଥି ଓ ତାଙ୍କର କିଛି ସମର୍ଥକ ଟାହିଟାପରା କରିଥିଲେ। ଏହାସହ ଅନେକ ଅପମାନ ମଧ୍ୟ ଦେଇଥିଲେ। ସମର୍ଥକଙ୍କୁ ବ୍ୟବହାର କରି ତାଙ୍କୁ ତାସ୍ଲ୍ୟ କରିଥିଲେ। ଯାହାଫଳରେ ସେମାନେ ଆତ୍ମହତ୍ୟା କରିଛନ୍ତି ବୋଲି ପରିବାର ଲୋକ ଅଭୀଯୋଗ କରିଛନ୍ତି। ଚଳିତ ପଂଚାୟତ ନିର୍ବାଚନରେ ପଦ୍ମପୁରରୁ ସମିତି ସଭ୍ୟ ପ୍ରାର୍ଥୀ ଭାବେ ସୁମତୀ ପରିଡା ନିର୍ବାଚନା ଲଢୁଥିଲେ। ହେଲେ ସେ ପରାଜିତ ହୋଇଥିଲେ କିନ୍ତୁ ଏହି ପଂଚୟତରୁ ଜିତିଥିବା ସମିତି ସଭ୍ୟ ଓ ସରପଂଚବିଜୟ ଶୋଭାଯାତ୍ରୀ କରୁଥିଲେ। ବିଜୟୀ ପ୍ରାର୍ଥୀଙ୍କର ଶୋଭାଯାତ୍ରା ଚାଲୁଥିବା ସମୟରେ କେତେକ କର୍ମୀ ସୁମତୀଙ୍କ ସ୍ୱାମୀ ରମାକାନ୍ତଙ୍କୁ ପରିହାସ କରିବା ସହ ପାଟିତୁଣ୍ଡ ଓ ଗାଳିତୁଣ୍ଡ ଓ ଗାଳିଗୁଲଜ କରିଥିଲେ ଏହି ବିଜୟ ଶୋଭାଯାତ୍ରା କରୁଥିଲେ। ବିଜୟୀ ପ୍ରାର୍ଥୀଙ୍କର ଶୋଭାଯାତ୍ରା ଚାଲୁଥିବା ସମୟରେ କେତେକ କର୍ମୀ ସୁମତୀଙ୍କ ସ୍ୱାମୀ ରମାକାନ୍ତଙ୍କୁ ପରିହାସ କରିବା ସହ ପାଟିତୁଣ୍ଡ ଓ ଗାଳିଗୁଲଜ କରିଥିଲେ। ଏହି ଘଟଣାକୁ ନେଇ ରମାକାନ୍ତ ଘରେ ସ୍ତ୍ରୀଙ୍କ ସହ ପାଟିତୁଣ୍ଡ କରିଥିଲେ। ନିର୍ବାଚନରେ ହାରିଯାଇଥିବାରୁ ଲୋକମାନେ ମୋତେ ପରିହାସ କରୁଛନ୍ତି ବୋଲି ରମାକାନ୍ତ, ସୁମତୀଙ୍କୁ କହିଥିଲେ। ପରେ ଏହି ଘଟଣାକୁ ନେଇ ରମାକାନ୍ତ ମାନସିକ ଭାରସାମ୍ୟ ହରାଇ ଶୋଇବା ପଙ୍ଖାରେ ଦଉଡି ଦେଇ ଝୁଲି ପଡିଥିଲେ। ଏହି ଘଟଣାକୁ ଦେଖି ସୁମତୀ ମଧ୍ୟ ମାନସିକ ଭାରସାମ୍ୟ ହରାଇ ବିଷ ପିଇଦେଇଥିଲେ। ଉଭୟଙ୍କୁ ଗୁରୁତ୍ୱର ଅବସ୍ଥାରେ ଭଦ୍ରକ ଡାକ୍ତରଖାନାକୁ ନିଆଯାଇଥିଲେ ହେଲେ ସେଠାରେ ରମାକାନ୍ତଙ୍କ ମୃତ୍ୟୁ ହୋଇ ଯାଇଥିଲା

### ପ୍ରଣବ ପ୍ରକାଶ ଦାସଙ୍କ ଟୁଇଟ୍‌ର ପ୍ରତିକ୍ରିୟା ରଖିଲେ ପୃଥ୍ୱୀରାଜ

## ନବୀନ ବାବୁ ଅପରାଧୀ ନେତାଙ୍କୁ ଖସାଇବାକୁ ଯୋଜନା କରୁଛନ୍ତି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାଣିଶୁଣି ଅପରାଧୀ ନେତାଙ୍କୁ ଖସାଇବା ପାଇଁ ଯୋଜନା କରୁଛନ୍ତି ବୋଲି ବିଜେପି ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଆଜି ଟୁଇଟ୍ କରିଛନ୍ତି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଟୁଇଟ୍‌ର ଜବାବ ଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଆମ ନେତା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାଇ ଦିଲ୍ଲୀରେ ଥାଇ ଓଡ଼ିଶା ବାବଦରେ ସମ୍ପୂର୍ଣ୍ଣ ଅବଗତ ଥାଆନ୍ତି ଏବଂ ସବୁ ବିଷୟରେ ପୁଙ୍ଖାନୁପୁଙ୍ଖ ଜାଣି ମତ ରଖିଥାନ୍ତି।



ତୁମର ନେତା ନବୀନ ପଟ୍ଟନାୟକ ଭୁବନେଶ୍ୱରରେ ରହି ସବୁ ଜାଣି ବି ମୁହଁ ନ ଖୋଲି ଦଳୀୟ ଲୋକଙ୍କୁ ସୁହାଇଲା ଭଳି ଅପରାଧୀ ନେତାଙ୍କୁ ଖସାଇବା ପାଇଁ ଯୋଜନା କରନ୍ତି। ତୁମ ସରକାର କଳାକୁ ଧଳା କରିବାରେ ଧୂରନ୍ଧର। ଖୋର୍ଦ୍ଧା ଜିଲ୍ଲା ବାଣପୁର ଘଟଣା ପରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଗାଡି ପୋଲିସ୍ ହେପାଜତରେ ଥିଲା। ତେବେ କିଭଳି ନମ୍ବର ପ୍ଲେଟ୍ ବଦଳିଲା, ତାହା ତୁମ ପ୍ରଶାସନର ପାରିବାପଣିଆକୁ ଦର୍ଶାଉଛି ଏବଂ ଏହି ମାମଲା ସର୍ବସାଧାରଣରେ ପ୍ରଶ୍ନବାଚୀ।

ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନମଣ୍ଡଳୀ ହିଞ୍ଜିଳି ସହରରେ ଚାରି ଜଣଙ୍କର ହତ୍ୟା ହେଲା। ଏ ପର୍ଯ୍ୟନ୍ତ ପୋଲିସ୍‌ର ତଦନ୍ତ କେଉଁଠି ଅଛି, କେଉଁ ଅବସ୍ଥାରେ ଅଛି, କେବେ ତଦନ୍ତ ଶେଷ ହେବ, ତାହା ପ୍ରଶ୍ନବାଚୀ। ଏଥିରୁ ସାରା ଓଡ଼ିଶାର ଆଇନଶୃଙ୍ଖଳା କ'ଣ ହେବ ସ୍ପଷ୍ଟ ଅନୁମେୟ। ଓଡ଼ିଶାର ଲୋକ ହିଂସାକୁ ପ୍ରଶୟ ଦିଅନ୍ତି ନାହିଁ। ତୁମ ଦଳର ନେତା ଓ ବିଧାୟକମାନଙ୍କ ଦ୍ୱାରା ପ୍ରାୟୋଜିତ ହିଂସାର ପରିଣାମ ଓଡ଼ିଶା ଆଜି ଭୋଗୁଛି, ଯାହା ତୁମେ ଭଲେ ଭାବରେ ଜାଣିଛ। ପଶ୍ଚିମବଙ୍ଗରେ ସରକାର ହିଂସାକୁ ଯେଉଁଭଳି ଭାବରେ ପ୍ରଶୟ ଦେଉଛି, ଓଡ଼ିଶାରେ ମଧ୍ୟ ସମାନ ଅବସ୍ଥା ଦେଖାଯାଉଛି। ତୁମେ ତୁମର ମୁଖିଆଙ୍କୁ ଭଲରେ ବୁଝାଇ ଓଡ଼ିଶାର ଜନସାଧାରଣ ଶାନ୍ତିରେ କେମିତି ରହିପାରିବେ ଓ ନ୍ୟାୟ ପାଇବେ ତା' ପାଇଁ ଚେଷ୍ଟା କଲେ ଭଲ ହୁଅନ୍ତା ବୋଲି ଶ୍ରୀ ହରିଚନ୍ଦନ ଟୁଇଟ୍ କରିଛନ୍ତି।

## ଗୋପ ଓ ଅସ୍ତରଙ୍ଗ ମାଟି ତଳେ ଅଛି କି ପ୍ରାକୃତିକ ଗ୍ୟାସର ଗୁପ୍ତ ଭଣ୍ଡାର ? ସଂକେତ ମିଳିବା ପରେ ଡ୍ରିଲିଂ ପାଇଁ ଅଏଲ ଇଣ୍ଡିଆକୁ ଅନୁମତି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଓଡ଼ିଶାରେ ପ୍ରଥମ ଥର ପାଇଁ ମିଳିପାରେ ପ୍ରାକୃତିକ ଗ୍ୟାସର ଭଣ୍ଡାର ! ପୁରୀ ଜିଲ୍ଲାର ଗୋପ ଓ ଅସ୍ତରଙ୍ଗ ଅଞ୍ଚଳରେ ପ୍ରାକୃତିକ ଗ୍ୟାସ ଥିବାର ସଙ୍କେତ ମିଳିଛି। ଅଏଲ ଇଣ୍ଡିଆ ପକ୍ଷରୁ ଓଡ଼ିଶାର ୧୧ଟି ଜିଲ୍ଲାରେ ଅନ୍ୱେଷଣ ପରେ ଏଭଳି ସଂକେତ ମିଳିଛି। ତେବେ ଏକ୍ସପ୍ଲୋରେସନ୍ ଡ୍ରିଲିଂ ପରେ ଏଠାରେ ଅଶୋଧିତ ତୈଳ ଓ ପ୍ରାକୃତିକ ଗ୍ୟାସ ଅଛି କି ନାହିଁ ତାହା କିଛି ମାସ ମଧ୍ୟରେ ସ୍ପଷ୍ଟ ହୋଇଯିବ। ଏହି ଖବର ଜାଣିବା ପରେ ଗୋପ ଅଞ୍ଚଳର ଲୋକେ ଉତ୍ସାହିତ ହୋଇପଡିଛନ୍ତି।

ଗୋପ ବ୍ଲକ୍‌ର ଚିତ୍ର ଓ





କୁସୁପୁର ଅଞ୍ଚଳ। ଏଠାରେ ପ୍ରାକୃତିକ ଗ୍ୟାସ୍ ଅଛି କି ନାହିଁ ତାହା ଜାଣିବା ପାଇଁ ପ୍ରାୟ ବର୍ଷେ ତଳେ ସର୍ଭେ କରାଯାଇଥିଲା। ସିସମିକ ଏକ୍ସପ୍ଲୋରେସନ୍ ବା ଭୂକମ୍ପ ଅନ୍ୱେଷଣ ଜରିଆରେ ଛୋଟ ଛୋଟ ବ୍ଲାଷ୍ଟ ଓ ଡ୍ରିଲିଂ କରି ପ୍ରାଥମିକ ଭାବେ ଏଠାରେ ତୈଳ ଓ ଗ୍ୟାସ୍ ଅଛିକି ନାହିଁ ତା'ର ଅନ୍ୱେଷଣ କରିଥିଲା ଅଏଲ ଇଣ୍ଡିଆ। ଓଡ଼ିଶାର ୧୧ଟି ଜିଲ୍ଲାରେ ଅନ୍ୱେଷଣ ପରେ ପୁରୀ ଜିଲ୍ଲାର ଗୋପ ଓ ଅସ୍ତରଙ୍ଗ ଅଞ୍ଚଳର ୩ଟି ସ୍ଥାନରେ ପ୍ରାକୃତିକ ଗ୍ୟାସ୍ ଥିବାର ସଙ୍କେତ ମିଳିଛି।

ଭାରତ ତା'ର ଆବଶ୍ୟକତାର ପ୍ରାୟ ୮୨% ଅଶୋଧିତ ତୈଳ ବିଦେଶରୁ ଆମଦାନୀ କରୁଥିବା ବେଳେ ୪୫ ପ୍ରତିଶତ ପ୍ରାକୃତିକ ଗ୍ୟାସ ଆମଦାନୀ କରୁଛି। ଭାରତ ଆସାମ, ଗୁଜୁରାଟ, ରାଜସ୍ଥାନ, ମହାରାଷ୍ଟ୍ର ଓ ଆନ୍ଧ୍ରପ୍ରଦେଶର କେତେକ ବେସିନ୍‌ରେ ପ୍ରାକୃତିକ ଗ୍ୟାସ୍ ମିଳୁଛି। ଓଡ଼ିଶାର ମହାନଦୀ ବେସିନ୍‌ରୁ ଯଦି ପ୍ରାକୃତିକ ଗ୍ୟାସ ମିଳେ ତେବେ ଏହା ହେବ ଏକ ବଡ ଆଶିର୍ବାଦ। ଗୋପ ଓ ଅସ୍ତରଙ୍ଗର ତିନିଟି ଡ୍ରିଲିଂ ପଏଣ୍ଟରେ ଏବେ ଏକ୍ସପ୍ଲୋରେସନ୍ ଡ୍ରିଲିଂ କରିବ ଅଏଲ ଇଣ୍ଡିଆ। ଏଥିପାଇଁ ଅଏଲ୍ ଇଣ୍ଡିଆକୁ ରାଜ୍ୟ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ପେଟ୍ରୋଲିୟମ୍ ଏକ୍ସପ୍ଲୋରେସନ୍ ଲାଇସେନସ ମିଳିଯାଇଛି। ତିନିଟି ପଏଣ୍ଟରେ ୮ ଏକ ଲେଖାଏଁ ଜମିରେ ପର୍ଯ୍ୟାୟକ୍ରମେ ଡ୍ରିଲିଂ କରାଯିବ ଓ ଏଥିପାଇଁ ସଂପୃକ୍ତ ଜମି ମାଲିକଙ୍କ ସହ ଚୁକ୍ତି କରିବ ଅଏଲ ଇଣ୍ଡିଆ। ଯଦି ଗୋପ ଓ ଅସ୍ତରଙ୍ଗରେ ଅଶୋଧିତ ତୈଳ ଓ ପ୍ରାକୃତିକ ଗ୍ୟାସ ମିଳେ ତେବେ ଏହା ଅର୍ଥନୀତିରେ ବଡ ପବରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି।

## ପାରାଦ୍ୱୀପରେ ୨ୟ ଥର ବସନ୍ତ ବିଶ୍ୱାଳ

ପାରାଦ୍ୱୀପ(ଶଶାଙ୍କ ଆଚାର୍ଯ୍ୟ):- ପାରାଦ୍ୱୀପ ପୌରପରିଷଦରେ ବିଜେଡି ପୌରାଦକ୍ଷ ପ୍ରାର୍ଥୀ ବସନ୍ତ କୁମାର ବିଶ୍ୱାଳ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ସାଧୀନ ପ୍ରାର୍ଥୀ ଦେବବ୍ରତ ସାହୁଙ୍କ ଠାରୁ ୮ହଜାର ୭ଶହ ୬୦ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟହାସଲ କରି ଲଗାତର ୨ୟ ଥର ପାଇଁ ପୌରାଧକ୍ଷ ହେବା ପାଇଁ ସୌଭାଗ୍ୟ ଅର୍ଜନ କରିଛନ୍ତି। ତେବେ ପାରାଦ୍ୱୀପରେ ବିଜେଡି ପୌରାଧକ୍ଷ ପ୍ରାର୍ଥୀ ବହୁ ସଂଖ୍ୟା ବ୍ୟବଧାନରେ ବିଜୟହାସଲ କରିଥିଲେ ମଧ ୧୯ଟି ୱାର୍ଡ ମଧ୍ୟରୁ ବାପି ସାର୍ଖେଲଙ୍କ ସମର୍ଥକ "ଆମ ପାରାଦ୍ୱୀପ ଆମ ପ୍ରଗତି" ବ୍ୟାନରରେ ଲଢୁଥିବା ସାଧୀନ ପ୍ରାର୍ଥୀ ୮ଟି ୱାର୍ଡରେ ବିଜୟହାସଲ କରିଥିବା ବେଳେ ବିଜେଡିକୁ ୭ଟି କଂଗ୍ରେସକୁ ଗୋଟିଏ ଓ ବିଜେପିକୁ ୩ଟି ଆସନ ମିଳିଛି।

ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)

ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।

Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

ସଂପାଦକ : ରାମଚନ୍ଦ୍ର ମହାନ୍ତି

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

News Editor: Akshaya Kumar Behera